**ଆମର ପ୍ରତିବଦ୍ଧତା**

**ସରକାର ଓ ପ୍ରଶାସନ ସହ ଜନସାଧାରଣଙ୍କ ସମ୍ପର୍କର ସେତୁ ନିଷ୍କର୍ଷ**

# ନିଷ୍କର୍ଷ
# NISHKARSHA

RNI REGD. No. : ODIODI/2020/78909

Email : nishkarsha.media@gmail.com
Email for Advt. : nishkarsha.advt@gmail.com
Youtube Channel : Nishkarsha Media
www.nishkarsha.com
www.nishkarsha.in

YouTube

NISHKARSHA MEDIA ENTERTAINMENT & PUBLICATION

♦ VOLUME - 03 ♦ ISSUE- 06 ♦ CUTTACK ♦ WEEKLY ♦ 07 TO 13 FEB. - 2022 ♦ 8 PAGE ♦ RATE- 5/- ■ ବର୍ଷ - ୦୩ ♦ ସଂଖ୍ୟା -୦୬ ♦ କଟକ ♦ ସାପ୍ତାହିକ ♦ ୦୭ ରୁ ୧୩ ଫେବୃଆରୀ ୨୦୨୨ ♦ ପୃଷ୍ଠା-୮ ♦ ମୂଲ୍ୟ- ୫ ଟଙ୍କା

# ଲତାଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇବା ପାଇଁ ଶିବାଜୀ ପାର୍କରେ ମୋଦି



**ମୁମ୍ବାଇ (ଏଜେନ୍ସି) :** କିମ୍ବଦନ୍ତୀ ଗାୟିକା ତଥା ସ୍ୱର ସାମ୍ରାଜ୍ଞୀ ଲତା ମଙ୍ଗେସକରଙ୍କ ବିୟୋଗରେ ସମଗ୍ର ଦେଶ ମର୍ମାହତ ହୋଇ ପଡ଼ିଥିବା ବେଳେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ତାଙ୍କର ଶେଷ ଦର୍ଶନ କରି ଶ୍ରଦ୍ଧାଞ୍ଜଳି ଜଣାଇଛନ୍ତି । ମୁମ୍ବାଇର ଶିବାଜୀ ପାର୍କରେ ରାଷ୍ଟ୍ରୀୟ ମର୍ଯ୍ୟାଦା ସହ ଲତାଙ୍କର ପାର୍ଥିବ ଶରୀରକୁ ଅନ୍ତିମ ବିଦାୟ ଦିଆଯାଇଥିଲା । ସେଠାରେ ଫିଲ୍ମ ଜଗତର ବହୁ ପ୍ରତିଷ୍ଠିତ ତାରକାଙ୍କ ସହ ବିଭିନ୍ନ ରାଜନୈତିକ ଦଳର ନେତୃତ୍ୱମାନେ ପହଞ୍ଚି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଶିବାଜୀ ପାର୍କରେ ପହଞ୍ଚି ଲତାଙ୍କୁ ଅନ୍ତିମ ଦର୍ଶନ କରିବା ସହ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ । ମହାନ କଣ୍ଠଶିଳ୍ପୀ ଲତା ମଙ୍ଗେସକରଙ୍କ ୯୨ ବର୍ଷ ବୟସରେ ମୁମ୍ବାଇରେ ପରଲୋକ ହୋଇଥିଲା । ଲତାଙ୍କୁ ଅନ୍ତିମ ଶ୍ରଦ୍ଧାଞ୍ଜଳି ଜଣାଇବା ପାଇଁ ମୁମ୍ବାଇ ଯିବା ନେଇ ମୋଦି ଟ୍ୱିଟ୍ କରି ଜଣାଇଥିଲେ । ଏହାସହ ବିଏମସି କମିଶନର ମଧ୍ୟ ପ୍ରଧାନମନ୍ତ୍ରୀଙ୍କ ଗସ୍ତ ନେଇ ସ୍ପଷ୍ଟ କରିଥିଲେ । ସେହିଭଳି ଲତାଙ୍କୁ ସମ୍ମାନ ଜଣାଇବାକୁ ଯାଇ କେନ୍ଦ୍ର ସରକାର ୨ଦିନିଆ ରାଷ୍ଟ୍ରୀୟ ଶୋକ ଘୋଷଣା କରିଛନ୍ତି । ଦୁଇ ଦିନ ଧରି ଜାତୀୟ ପତାକା ଅର୍ଦ୍ଧନମିତ ରହିବ । ଗତମାସରେ କୋଭିଡରେ ଆକ୍ରାନ୍ତ ହୋଇଥିଲେ ଲତା ମଙ୍ଗେସକର । ତାଙ୍କୁ ମୁମ୍ବାଇର ବ୍ରିଚକ୍ୟାଣ୍ଡି ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା । ସେ ନିମୋନିଆରେ ବି ପୀଡ଼ିତ ଥିଲେ । କିଛି ଦିନ ତଳେ ତାଙ୍କୁ ଭେଣ୍ଟିଲେଟରରୁ ବାହାର କରାଯାଇଥିଲା । ତାଙ୍କ ସ୍ୱାସ୍ଥ୍ୟାବସ୍ଥାରେ ଉନ୍ନତି ଆସିଥିବା ଡାକ୍ତର କହିଥିଲେ । କିନ୍ତୁ ଗତକାଲି ହଠାତ୍ ତାଙ୍କ ଅବସ୍ଥା ବିଗିଡ଼ି ଯାଇଥିଲା । ତେଣୁ ତାଙ୍କୁ ପୁଣି ଭେଣ୍ଟିଲେଟରରେ ରଖା ଯାଇଥିଲା । ତେବେ ତାଙ୍କ ସ୍ୱାସ୍ଥ୍ୟାବସ୍ଥାରେ କୌଣସି ଉନ୍ନତି ପରିଲକ୍ଷିତ ହୋଇ ନଥିଲା ଓ ଆଜି ସକାଳ ୮ଟା ୧୨ ମିନିଟରେ ସେ ଶେଷ ନିଃଶ୍ୱାସ ତ୍ୟାଗ କରିଥିଲେ ।

# ଆଉ ଶୁଣିବାକୁ ମିଳିବନି ଲତାଙ୍କ ସ୍ୱର



**ମୁମ୍ବାଇ(ଏଜେନ୍ସି) :** ଆଉ ଶୁଣିବାକୁ ମିଳିବନି ଲତା ମଙ୍ଗେସକରଙ୍କ ମଧୁର ସ୍ୱରର ଝଙ୍କାର । ସବୁଦିନ ପାଇଁ ନୀରବି ଯାଇଛି ତାଙ୍କ କଣ୍ଠର ଯାଦୁ । ୯୨ ବର୍ଷରେ ସମସ୍ତଙ୍କୁ ଛାଡ଼ି ଚାଲିଗଲେ ପ୍ରିୟ ଲତା ଦିଦି । ତାଙ୍କୁ ଆଜି ଝୁରୁଛି ପୂରା ଦେଶ । ଓଡ଼ିଶା ବି ଏଥିରୁ ବାଦ୍ ପଡିନି । ଓଡ଼ିଶା ସହ ବି ଥିଲା ଲତା ମଙ୍ଗେଶକରଙ୍କ ସମ୍ପର୍କ । ଓଡ଼ିଶାର ସଂଗୀତପ୍ରେମୀ ତାଙ୍କ ଓଡ଼ିଆ ସିନେ-ଗୀତ ପ୍ରତି ଥିବା ଅବଦାନ ଲାଗି ମନେପକାଇଛନ୍ତି । ଲତା ମଙ୍ଗେସକର ପ୍ରାୟ ୩୦ରୁ ଊର୍ଦ୍ଧ୍ୱ ଭାଷାରେ ୫୦ ହଜାରରୁ ବି ଅଧିକ ଗୀତ ଗାଇଛନ୍ତି । ସେ ଓଡ଼ିଆ ଗୀତ ମଧ୍ୟ ଗାନକରି ଶ୍ରୋତାମାନଙ୍କୁ ମନ୍ତ୍ରମୁଗ୍ଧ କରି ପାରିଥିଲେ । ସ୍ୱର ସାମ୍ରାଜ୍ଞୀ ୨ଟି ଓଡ଼ିଆ ଫିଲ୍ମରେ ଗୀତ ଗାଇଛନ୍ତି । ଓଡ଼ିଆ ଫିଲ୍ମ 'ସୂର୍ଯ୍ୟମୁଖୀ'(୧୯୬୩)ର

ଅବଶିଷ୍ଟାଂଶ ୭ ପୃଷ୍ଠାରେ ►

# କେଜ୍ରିୱାଲଙ୍କ ଉପରେ ବର୍ଷିଲା ବିଜେପି




**ନୂଆଦିଲ୍ଲୀ(ଏଜେନ୍ସି) :** ଦିଲ୍ଲୀରେ ବିଜେପିର ବିରାଟ ଭର୍ଚୁଆଲ ରାଲି । କେଜ୍ରିୱାଲ ସରକାରଙ୍କ ଉପରେ ବର୍ଷିଲା ବିଜେପି । କେଜ୍ରିୱାଲ ସରକାରଙ୍କ ଅବକାରୀ ନୀତିକୁ ବିରୋଧ କରି ଏହି ରାଲି କରାଯାଉଛି । ଏଥିରେ କେନ୍ଦ୍ରମନ୍ତ୍ରୀ ସ୍ମୃତି ଇରାନି ଓ ବିଜେପି ରାଷ୍ଟ୍ରୀୟ ଉପାଧ୍ୟକ୍ଷ ବୈଜୟନ୍ତ ପଣ୍ଡା ଯୋଗ ଦେଇଛନ୍ତି । ସ୍କୁଲ, କଲେଜ ପରି ଶିକ୍ଷାନୁଷ୍ଠାନ, ମନ୍ଦିର ଓ ଅନ୍ୟ ଧାର୍ମିକ ପୀଠ ନିକଟରେ ଥିବା ମଦ ଦୋକାନକୁ ସିଲ୍ କରିବାକୁ ଦାବି କରିଛି ବିଜେପି । ୪୮ ଘଣ୍ଟା ଭିତରେ ଏ ସବୁ ସ୍ଥାନରେ ଥିବା ମଦ ଦୋକାନଗୁଡିକୁ ଯଦି ବନ୍ଦ ନକରାଯାଏ ତେବେ ସିଲ୍ କରିଦେବାକୁ ବିଜେପି ଚେତାବନୀ ଦେଇଛି । ଦିଲ୍ଲୀ ସରକାରଙ୍କ ମଦ ନୀତି ହେଉଛି ଦିଲ୍ଲୀକୁ ବୁଡାଇବା ନୀତି । ଦିଲ୍ଲୀରେ ପ୍ରତିଟି ୱାର୍ଡରେ ତିନି ତିନିଟି ମଦ ଦୋକାନ ଖୋଲାଯାଇଛି । ଯେଉଁଠି ମଦ ଦୋକାନ ଖୋଲିବାକୁ ବାରଣ ହୋଇଛି ସେଠିବି ଖୋଲା ରହିଛି । ମନ୍ଦିର ତଥା ଧାର୍ମିକ ସ୍ଥାନ, ସ୍କୁଲ ଆଦି ସ୍ଥାନରେ ମଦ ଦୋକାନ ଖୋଲିଛନ୍ତି ଦିଲ୍ଲୀ ସରକାର । କେବଳ ସେତିକି

ଅବଶିଷ୍ଟାଂଶ ୭ ପୃଷ୍ଠାରେ ►

# ଅନୁସୂଚିତ ଜନଜାତିଙ୍କ ପାଇଁ ମାଗଣା ଯୋଜନା ଘୋଷଣା କଲେ କେଜ୍ରିୱାଲ




**ପାଣାଜୀ (ଏଜେନ୍ସି) :** ଗୋଆ, ଉତ୍ତରାଖଣ୍ଡ ଓ ପଞ୍ଜାବରେ କ୍ଷମତା ଦଖଲ କରିବାକୁ ଲକ୍ଷ୍ୟ ରଖିଥିବା ଆମ ଆଦମୀ ପାର୍ଟି ଏବେ ମାଗଣା ଯୋଜନା ଘୋଷଣା କରି ଭୋଟରଙ୍କୁ ଆକୃଷ୍ଟ କରିବାରେ ଲାଗିଛି । ପୂର୍ବରୁ ପଞ୍ଜାବ ଓ ଉତ୍ତରାଖଣ୍ଡରେ ଆପ୍ର ଆବାହକ ଅରବିନ୍ଦ କେଜ୍ରିୱାଲ ମାଗଣା ଯୋଜନା ସମ୍ପର୍କରେ ଘୋଷଣା କରିଥିଲେ । ଏବେ ଗୋଆରେ ଅନୁସୂଚିତ ଜନଜାତି ସମାଜର ଲୋକଙ୍କ ପାଇଁ ୮ ପଏଣ୍ଟ ବିଶିଷ୍ଟ ପ୍ରତିଶ୍ରୁତି ପତ୍ର ଜାରି କରିଛନ୍ତି । ପୂର୍ବ ସରକାରମାନେ ଅନୁସୂଚିତ ଜନଜାତିଙ୍କ ପାଇଁ କିଛି କରି ନଥିବାରୁ ଆପ୍ କ୍ଷମତାକୁ ଆସିଲେ ସବୁ ସୁବିଧା ଯୋଗାଇ ଦେବ ବୋଲି କେଜ୍ରିୱାଲ ପ୍ରତିଶ୍ରୁତି ଦେଇଛନ୍ତି । କେଜ୍ରିୱାଲ ତାଙ୍କ ଘୋଷଣାରେ ଅନୁସୂଚିତ ମହିଳାଙ୍କୁ ମାସିକ ୧ ହଜାର ଟଙ୍କା, ମାଗଣା ସ୍ୱାସ୍ଥ୍ୟ ସେବା ଓ ନିଯୁକ୍ତି ପାଇ ନଥିବା ଯୁବବର୍ଗଙ୍କୁ ମାସିକ ୩ ହଜାର ଟଙ୍କା ଲେଖାଏ ଦିଆଯିବ ବୋଲି କହିଛନ୍ତି । କେଜ୍ରିୱାଲ କହିଛନ୍ତି, ଆପ କ୍ଷମତାକୁ ଆସିଲେ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ବଜେଟରେ ହେଉଥିବା ବ୍ୟବସ୍ଥା ଅନୁଯାୟୀ

ଅବଶିଷ୍ଟାଂଶ ୭ ପୃଷ୍ଠାରେ ►

## ନକ୍ସଲଙ୍କ ଲ୍ୟାଣ୍ଡମାଇନ ବିସ୍ଫୋରଣ
# ଖବର ସଂଗ୍ରହ ପାଇଁ ଯାଇ ଅଫେରା ପଥକୁ ଚାଲିଗଲେ ସମ୍ବାଦିକ

**ଭବାନୀପାଟଣା(ଏନ.ଏମ୍.) :** ଖବର ସଂଗ୍ରହ କରିବାକୁ ଯାଇ ନକ୍ସଲଙ୍କ ଲ୍ୟାଣ୍ଡମାଇନ୍ ବିସ୍ଫୋରଣରେ ଆଖି ବୁଜିଲେ ଯୁବ ସାମ୍ବାଦିକ । ଏଭଳି ଆଜି ଏକ ହୃଦୟ ବିଦରକ ଘଟଣା ଘଟିଛି କଳାହାଣ୍ଡି ଜିଲ୍ଲାର ନକ୍ସଲ ଅଧ୍ୟୁଷିତ ମଦନପୁର ରାମପୁର ଅଞ୍ଚଳରେ । ମୃତକ ହେଲେ ମଦନପୁର ରାମପୁର ଥାନା ଅନ୍ତର୍ଗତ ମୋହନଗିରି ଯୁବ ସାମ୍ବାଦିକ ରୋହିତ ବିଶ୍ୱାଳ । ରୋହିତ ଏକ ଦୈନିକ ଖବରକାଗଜରେ ରିପୋର୍ଟର ଭାବେ କାମ କରୁଥିଲେ । କରଲାଖୁଣ୍ଟା ବ୍ରିଜରେ ନକ୍ସଲଙ୍କ ପୋଷ୍ଟର ଲାଗିଥିବା ଖବର ପାଇ ରୋହିତ ସେଠାକୁ ଖବର ସଂଗ୍ରହ ପାଇଁ ଯାଇଥିଲେ । ପୋଷ୍ଟରଟି ଏକ ଗଛରେ ଲାଗିଥିବା ବେଳେ ତଥ୍ୟ ସଂଗ୍ରହ ପାଇଁ ରୋହିତ ଉକ୍ତ ଗଛ ନିକଟକୁ ଯାଇଥିଲେ । ତେବେ ହଠାତ୍ ବିସ୍ଫୋରଣ ହେବାରୁ ଘଟଣାସ୍ଥଳରେ ହିଁ ଛିଟିକି ପଡ଼ିଥିଲେ ରୋହିତ । ତାଙ୍କ ମୁହଁ ଓ ହାତ ଗୋଡ଼ ତଥା ଶରୀରର ବିଭିନ୍ନ ସ୍ଥାନରେ ଆଘାତ ଲାଗିବା ସହ ଘଟଣା ସ୍ଥଳରେ ହିଁ ପ୍ରାଣ ହରାଇଥିଲେ । ଘଟଣାସ୍ଥଳକୁ ବର୍ତ୍ତମାନ ସିଆରପିଏଫ ଓ ପୁଲିସ୍ ଛାଉଣୀ କରାଯିବା ସହ ନକ୍ସଲମାନଙ୍କ ଗତିବିଧି ଉପରେ ତୀକ୍ଷ୍ଣ ନଜର ରଖାଯାଇଛି । ନକ୍ସଲମାନେ ଏହି ସ୍ଥାନରେ ଭୋଟ ବର୍ଜନ କରିବାକୁ ପୋଷ୍ଟର ମାରିଥିଲେ । ଏହାବାଦ କଳାହାଣ୍ଡି ଜିଲ୍ଲାର ବିଭିନ୍ନ ସୀମାନ୍ତ ଅଞ୍ଚଳରେ ଥିବା ପୁଲିସ୍ ସିଆରପିଏଫ କ୍ୟାମ୍ପକୁ ଉଠାଇ



ନେବାକୁ ସେମାନେ ଦାବି କରିଛନ୍ତି । ଏଥିସହ ଆସନ୍ତା ପଞ୍ଚାୟତ ନିର୍ବାଚନରେ ଭୋଟ ବର୍ଜନ କରିବାକୁ ଆହ୍ୱାନ ମଧ୍ୟ ଦେଇଛନ୍ତି । ଏହି ପୋଷ୍ଟରରେ ଭାରତୀୟ କମ୍ୟୁନିଷ୍ଟ ପାର୍ଟି କେକେବିଏନ ଡିଭିଜନ ବୋଲି ଉଲ୍ଲେଖ ରହିଛି ।

### ମୁଖ୍ୟମନ୍ତ୍ରୀ ଘୋଷଣା କଲେ ଅନୁକମ୍ପା ରାଶି

ନକ୍ସଲ ଖଞ୍ଜିଥିବା ଲ୍ୟାଣ୍ଡମାଇନ୍ ବିସ୍ଫୋରଣରେ ମୃତ ଯୁବ ସାମ୍ବାଦିକ ରୋହିତ ବିଶ୍ୱାଳଙ୍କ ପାଇଁ ଅନୁକମ୍ପା ରାଶି ଘୋଷଣା ହୋଇଛି । ରାଜ୍ୟ ପୁଲିସ ବିଭାଗ ପକ୍ଷରୁ ୯ ଲକ୍ଷ ଓ ସାମ୍ବାଦିକ କଲ୍ୟାଣ ପାଣ୍ଠିରୁ ୪ ଲକ୍ଷ ଟଙ୍କା ଅନୁକମ୍ପା ରାଶି ଦେବାକୁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି । ମୃତ ସାମ୍ବାଦିକଙ୍କ ପରିବାର ମୋଟ୍ ୧୩ ଲକ୍ଷ ଟଙ୍କାର ଅନୁକମ୍ପା ରାଶି ପାଇବେ । ଲ୍ୟାଣ୍ଡମାଇନ୍ ବିସ୍ଫୋରଣ ସମ୍ପର୍କ ଖବର ପାଇ ଘଟଣା ସ୍ଥଳରେ ପହଞ୍ଚିଥିଲା ସିଆର୍ପିଏଫ୍ ଓ ପୁଲିସ୍ । ବର୍ତ୍ତମାନ ଉକ୍ତ ଅଞ୍ଚଳକୁ ସିଲ୍ କରିଦିଆଯାଇ ଖାନ୍ତଲାସି ଅଭିଯାନ୍ ଚାଲିଛି । ଏଥିସହ ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇ ଦେଇଛି । ତେବେ ନକ୍ସଲମାନଙ୍କ ଏଭଳି କାର୍ଯ୍ୟକୁ ରାଜ୍ୟର ବୁଦ୍ଧିଜୀବୀମାନେ ନିନ୍ଦା କରିବା ସହ ଏହି କାର୍ଯ୍ୟରେ ସଂଶ୍ଳିଷ୍ଟ ଥିବା ନକ୍ସଲମାନଙ୍କ ବିରୋଧରେ ଦୃଷ୍ଟାନ୍ତ ମୂଳକ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି କରାଯାଇଛି ।

# ଶୋଇଥିବାବେଳେ ବାପପୁଅଙ୍କୁ ଦଳିଦେଲା ଦନ୍ତା : ବାପ ଗୁରୁତର ପୁଅ ମୃତ



**କାମାକ୍ଷାନଗର(ଏନ.ଏମ୍.) :** ଦିନକୁ ଦିନ ହାତୀମାନେ ଗ୍ରାମାଭିମୁଖୀ ହେବା ସହ ବହୁ ଧନଜୀବନ କ୍ଷତି କରୁଛନ୍ତି । ଏପରିକି ଅନ୍ଧାର ରାତିରେ ତାଣ୍ଡବ ସୃଷ୍ଟି କରିବା ଯୋଗୁଁ ଜନସାଧାରଣ ଅତିଷ୍ଠ ହୋଇପଡ଼ିଲେଣି । ଏପରିକି କାମାକ୍ଷାନଗର ଅଞ୍ଚଳରେ ବାପପୁଅ ହାତୀ ଆକ୍ରମଣର ଶିକାର ହୋଇ ପୁଅର ମୃତ୍ୟୁ ହୋଇଥିବାବେଳେ ବାପ ଗୁରୁତର ଅବସ୍ଥାରେ ମୃତ୍ୟୁ ସହ ସଂଗ୍ରାମ କରୁଛି । ସୂଚନା ଅନୁଯାୟୀ ଢେଙ୍କାନାଳ ଜିଲ୍ଲା କାମାକ୍ଷାନଗର ପଶ୍ଚିମାଞ୍ଚଳ ରେଞ୍ଜ ଅଁଳାବେରେଣି ଫରେଷ୍ଟ ସେକ୍ସନ ଅନ୍ତର୍ଗତ ମହୁଲଡଗର ଗାଁରେ ଏଭଳି ଅଭାବନୀୟ ଘଟଣା ଘଟିଛି । ମୃତକ ହେଲେ ରିଶି ଜେରେଇ(୫ବର୍ଷ) । ତାଙ୍କ ବାପା ରସାନନ୍ଦ ଜେରେଇ ଏବେ ଢେଙ୍କାନାଳ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସାଧୀନ ଅଛନ୍ତି । ରସାନନ୍ଦଙ୍କ ପରିବାର ଲୋକେ ଘରେ ଶୋଇଥିବାବେଳେ ସେ ନିଜ ୫ ବର୍ଷର ପୁଅ ସହ ଘର ବାରଣ୍ଡାରେ ଶୋଇଥିଲେ ।

ଅବଶିଷ୍ଟାଂଶ ୭ ପୃଷ୍ଠାରେ ►

ନିଷ୍କର୍ଷ
NISHKARSHA


# ପଞ୍ଚମ ବିବାହ ପରେ ବି ପୁଣି ସିଙ୍ଗଲ ହେବେ ପାମେଲା



**ନ୍ୟୁୟର୍କ (ଏଜେନ୍ସି):** ପୁଣି ଥରେ ସିଙ୍ଗଲ୍ ହେବେ ହଲିଉଡର ଆଗ ଧାଡ଼ିର ଅଭିନେତ୍ରୀ ପାମେଲା ଆଣ୍ଡରସନ । ତିଷ୍ଠିଲାନି ୫ମ ବିବାହ। ୨୦୨୦ ମସିହା ପାମେଲା ନିଜ ବଡିଗାର୍ଡ ଡ୍ୟାନ ହେହର୍ଷ୍ଟଙ୍କୁ ବିବାହ କରିଥିଲେ। ଏହି ବିବାହ କିନ୍ତୁ ବେଶି ଦିନ ତିଷ୍ଠିଲା ନାହିଁ। ଏବେ ଏହା ଶେଷ ହେବାକୁ ଯାଉଥିବା ବିଶେଷ ସୂତ୍ରରୁ ଜଣାଯାଇଛି। ପାଲେମା ନିଜ ଦେଶ କାନାଡାରେ ଛାଡପତ୍ର ପାଇଁ ଆବେଦନ କରିଛନ୍ତି। ତେଣୁ ଏବେ ପୁଣି ଥରେ ସିଙ୍ଗଲ ହୋଇଯିବେ ପାମେଲା। କରୋନା ଲକ୍ଡାଉନ୍ ସମୟରେ ପାମେଲା ନିଜ ବଡିଗାର୍ଡଙ୍କ ପ୍ରେମରେ ପଡ଼ିଥିଲେ। ଏହାପରେ ୨୦୨୦ ଖ୍ରୀଷ୍ଟମାସରେ ସେ ନିଜ ଜେଜବାପାଙ୍କ ଖାନଦାନୀ ମହଲରେ ହେହର୍ଷ୍ଟଙ୍କ ସହ ମିଙ୍ଗଲ ହୋଇଥିଲେ। ଉକ୍ତ ମହଲରେ ପାମେଲାଙ୍କ ପିତାମାତା ମଧ ବିବାହ ବନ୍ଧନରେ ବାନ୍ଧି ହୋଇଥିଲେ। ନିଜ ବିବାହ ଓ ବିଚ୍ଛେଦକୁ ନେଇ ପାମେଲା ଖୁବ୍ ଚର୍ଚ୍ଚାରେ ରହି ଆସୁଛନ୍ତି। ପାମେଲା ୧୯୯୫ ମସିହାରେ ମ୍ୟୁଜିସିଆନ ଟମି ଲିଙ୍କୁ ବିବାହ କରିଥିଲେ। ମାତ୍ର ୪ ଦିନର ଜଣାଶୁଣା ପରେ ଉଭୟ ବିବାହ ବନ୍ଧନରେ ବାନ୍ଧି ହୋଇଥିଲେ ଉଭୟଙ୍କର ୨ ପୁତ୍ର ସନ୍ତାନ ମଧ ଅଛନ୍ତି। ୧୯୯୮ ମସିହାରେ ଉଭୟ ଅଲଗା ହୋଇଗଲେ। ଉକ୍ତ ବର୍ଷ ପାମେଲା ମରକ୍ୟୁସ୍ ସ୍କେନେବର୍ଗ ନାମକ ବ୍ୟକ୍ତିଙ୍କ ସହ ବିବାହ କଲେ। ୨୦୦୧ ମସିହାରେ ଉଭୟଙ୍କର ବ୍ରେକଅପ୍ ହୋଇଗଲା। ଏହାପରେ ସେ ଆମେରିକାନ ସିଙ୍ଗର କିଡ ରକ୍ଙ୍କୁ ୨୦୦୬ ମସିହାରେ ବିବାହ କଲେ। ଏହା ମଧ ବେଶି ଦିନ ତିଷ୍ଠିଲା ନାହିଁ। ଏହାପରେ ୨୦୦୭ ମସିହାରେ ସେ ଫିଲ୍ମ ମେକର ରିକ୍ ସଲୋମନଙ୍କୁ ବିବାହ କରିଥିବା ବେଳେ ୨୦୦୮ ମସିହାରେ ଉଭୟ ପୃଥକ ହୋଇଗଲେ। ଏହାପରେ ଫ୍ରେଞ୍ଚ ଫୁଟବଲର ଆଡିଲ ରାମିଙ୍କ ସହ ୨ ବର୍ଷ ରିଲେସନରେ ରହିଲେ। ୨୦୧୯ରେ ଉଭୟ ନିଜ ରାସ୍ତା ଅଲଗା କରିନେଲେ। ଏହାପରେ ହଲିଉଡ ପ୍ରଡ୍ୟୁସର ଜନ୍ ପିଟର୍ସଙ୍କୁ ୨୦୨୦ରେ ବିବାହ କରିଥିବା ବେଳେ ଏହି ବିବାହ ମାତ୍ର ୧୨ ଦିନ ତିଷ୍ଠିଥିଲା। ଏହାପରେ ସେ ଡ୍ୟାନ ହେଟର୍ସଙ୍କ ହାତ ଧରିଥିଲେ ମଧ ଏହା ବେଶି ଦିନ ତିଷ୍ଠି ପାରିଲା ନାହିଁ।

# ଗାର୍ଲଫ୍ରେଣ୍ଡ ସହ ନୂଆ ଘରକୁ ଯିବେ 'ସ୍ପାଇଡର ମ୍ୟାନ୍'



**ଲସ୍ ଆଞ୍ଜେଲସ (ଏଜେନ୍ସି):** ଘର କିଣିଲେ ସ୍ପାଇଡର ମ୍ୟାନ୍। ଏ ଛାତରୁ ସେ ଛାତକୁ ଘରି ବୁଲିଥିବା ସ୍ପାଇଡର ମ୍ୟାନ୍ ଏବେ ଗୋଟିଏ ଛାତ ତଳେ ରହିବେ। ସେ ନିଜ ଗାର୍ଲଫ୍ରେଣ୍ଡ ସହ ମିଶି କିଣିଲେ ଦାମୀ ଘର, ଯାହାର ଦାମ୍ ଶୁଣିଲେ ଆପଣଙ୍କ ହୋସ୍ ଉଡିଯିବ। ପାଖାପାଖି ୩୦ କୋଟି ଟଙ୍କାର ଘର କିଣିଲେ ସ୍ପାଇଡର ମ୍ୟାନ୍ ଓରଫ୍ ହଲିଉଡ ଅଭିନେତା ଟମ୍ ହଲେଣ୍ଡ। ଅଭିନେତା ଟମ୍ ହଲେଣ୍ଡ। ସେ ମାର୍ବଲ ଷ୍ଟୁଡିଓର ସ୍ପାଇଡର ମ୍ୟାନ୍ ରୂପେ ପ୍ରସିଦ୍ଧ। ସେ ଏବେ ନିଜ କୋ-ଷ୍ଟାର ଜେଣ୍ଡେୟାଙ୍କୁ ଡେଟ୍ କରୁଛନ୍ତି। ଟମ୍ ଏବଂ ଜେଣ୍ଡେୟାଙ୍କୁ 'ସ୍ପାଇଡର ମ୍ୟାନ୍: ନୋ ୱେ ହୋମ୍'ରେ ଏକାଠି ଦେଖିବାକୁ ମିଳିଥିଲା। ଦୁହିଁଙ୍କ କେମେଷ୍ଟ୍ରି ଫ୍ୟାନ୍ମାନଙ୍କୁ ଦିୱାନା କରିଥିଲା। ତେବେ ପରଦା ପଛରେ ବି ଏହି ଦୁଇ ଷ୍ଟାରଙ୍କ ଯୋଡିକୁ ଲୋକେ ଖୁବ୍ ପସନ୍ଦ କରନ୍ତି। ଏବେ ଟମ୍ ଏବଂ ଜେଣ୍ଡେୟା ନିଜ ସମ୍ପର୍କର ଆଉ ଏକ ପାହାଚ ଅତିକ୍ରମ କରିଛନ୍ତି। ଟମ୍ ଏବଂ ଜେଣ୍ଡେୟା ମିଶି ୟୁକେରେ ଏକ ଲଗ୍ଜୁରୀ ମେନ୍ସନ୍ କିଣିଛନ୍ତି। ମିରର୍ ରିପୋର୍ଟ ଅନୁସାରେ ଏହି ଘରେ ସିନେମା, ଜିମ୍ ଏବଂ ଅନ୍ୟାନ୍ୟ ଲଗ୍ଜୁରୀ ସୁବିଧା ସବୁ ରହିଛି। ଏହାର ଦାମ୍ ପାଖାପାଖି ୩୦ କୋଟି ଟଙ୍କା। ଟମ୍ ଏବଂ ଜେଣ୍ଡେୟାଙ୍କ ଏହି ନୂଆ ଘର ସାଉଥ ୱେଷ୍ଟ ଲଣ୍ଡନରେ ଅବସ୍ଥିତ। ଟମ୍ କିଛି ଦିନ ପୂର୍ବେ ନୂଆ ଘରର ଚାବି ନେବା ପାଇଁ ଲଣ୍ଡନ ଯାଇଥିଲେ। ଟମ୍ ହଲେଣ୍ଡ ଓ ଜେଣ୍ଡେୟା ନିଜର ଏହି ନୂଆ ଘରକୁ ନେଇ ବେଶ୍ ଖୁସି ଅଛନ୍ତି। ଏହା ଉଭୟଙ୍କ ପ୍ରଥମ ଘର। ଦୁହେଁ ପରସ୍ପରକୁ ବହୁତ ଭଲ ପାଆନ୍ତି ଏବଂ ସେମାନଙ୍କର ପ୍ରଥମ ଘର ଏକାଠି ଲଣ୍ଡନରେ ହେଉ ବୋଲି ଚାହୁଁଥିଲେ। ଟମ୍ ଜନ୍ମ ଲଣ୍ଡନରେ ହୋଇଛି। ତାଙ୍କର ଘନିଷ୍ଠ ବନ୍ଧୁମାନେ ମଧ ଉଭୟଙ୍କ ପାଇଁ ବେଶ୍ ଉତ୍ସାହିତ ଅଛନ୍ତି।

ବ୍ରିଟେନରେ ଟମ୍ ହଲେଣ୍ଡଙ୍କ ପୂର୍ବରୁ ଏକ ତିନି ବେଡ୍ ରୁମ୍ ବିଶିଷ୍ଟ ଫ୍ଲାଟ ଅଛି। ସେପଟେ ଜେଣ୍ଡେୟା ଲସ୍ ଆଞ୍ଜେଲସରେ ରୁହନ୍ତି। ଲସ୍ ଆଞ୍ଜେଲସରେ ଅବସ୍ଥିତ ଜେଣ୍ଡେୟାଙ୍କ ଘରର ଦାମ୍ ୩୦ କୋଟିରୁ ଅଧିକ। ଟମ୍ ଏବଂ ଜେଣ୍ଡେୟାଙ୍କ ଏକାଠି ଫଟୋ ଏବଂ ଭିଡିଓ ପ୍ରାୟତଃ ଭାଇରାଲ ହୁଏ। ଏପରିକି କିଛି ଦିନ ପୂର୍ବରୁ ଦୁହେଁ ଏକାଠି ବୁଲୁଥିବା ଦେଖିବାକୁ ମିଳିଥିଲା।

## ଏ ସପ୍ତାହର ଭାଗ୍ୟବିଚାର

**ମେଷ:** ସୋମବାର: କିଛି ନୂଆ କାମରେ ହାତ ଦେବେ। ମଙ୍ଗଳ, ବୁଧ ଓ ଗୁରୁବାର: ବ୍ୟବସାୟରେ ଲାଭବାନ ହେବେ। ଶୁକ୍ର ଓ ଶନିବାର: ପରିବାରରେ ମନାନ୍ତର ହୋଇପାରେ। ରବିବାର: ପାରିବାରିକ ସୁଖ ମିଳିବ।

**ବୃଷ:** ସୋମବାର: ଆୟ ଅପେକ୍ଷା ବ୍ୟୟ ବଢ଼ିବାରେ। ମଙ୍ଗଳ, ବୁଧ ଓ ଗୁରୁବାର: ବ୍ୟବସାୟ ଉପରେ ବିରୋଧୀଙ୍କର ନଜର ରହିବ। ଶୁକ୍ର ଓ ଶନିବାର: କୌଣସି ଦୁଃସମ୍ବାଦ ପାଇ ମନ ଅସ୍ଥିର ରହିବ। ରବିବାର: ଲାଭବାନ ହେବେ।

**ମିଥୁନ:** ସୋମବାର: ମହତ୍ତ୍ୱପୂର୍ଣ୍ଣ ଲୋକଙ୍କ ସାକ୍ଷାତ ହେବ। ମଙ୍ଗଳ, ବୁଧ ଓ ଗୁରୁବାର: ସନ୍ତାନ ସନ୍ତତିଙ୍କ ସ୍ୱାସ୍ଥ୍ୟକୁ ନେଇ ଚିନ୍ତିତ ରହିବେ। ଶୁକ୍ର ଓ ଶନିବାର: ଆଶା କରୁଥିବା ଦିଗରୁ ସୁଫଳ ମିଳିବ। ରବିବାର:ଦୀର୍ଘ ଦିନ ଧରି ଅପେକ୍ଷା କରିଥିବା ବନ୍ଧୁଙ୍କ ସାକ୍ଷାତ ମିଳିବ।

**କର୍କଟ:** ସୋମବାର: ଶତ୍ରୁଜୟୀ ହେବେ। ମଙ୍ଗଳ, ବୁଧ ଓ ଗୁରୁବାର: କର୍ମକ୍ଷେତ୍ରରେ ନୂତନ ଦାୟିତ୍ୱ ନେଇ ଖୁସି ହେବେ। ଶୁକ୍ର ଓ ଶନିବାର: ଆର୍ଥିକ ଅଭିବୃଦ୍ଧି ପାଇଁ ଯୋଜନା କରିବେ। ରବିବାର: ମନବାଞ୍ଛା ପୂର୍ଣ୍ଣ ହେବ।

**ସିଂହ:** ସୋମବାର: ଶତ୍ରୁ ଦମନ କରିବାରେ ସଫଳ ହେବେ। ମଙ୍ଗଳ, ବୁଧ ଓ ଗୁରୁବାର: ଶିକ୍ଷା ଓ ନିଯୁକ୍ତି କ୍ଷେତ୍ରରେ କଠୋର ପରିଶ୍ରମ ଆବଶ୍ୟକ। ଶୁକ୍ର ଓ ଶନିବାର: କିଛିନା କିଛି ମନବାଞ୍ଛା ପୂର୍ଣ୍ଣ ହେବ। ରବିବାର: ପାରିବାରିକ କାରଣ ଦୁଃଖ ଦେଇପାରେ।

**କନ୍ୟା:** ସୋମବାର: ବିଭିନ୍ନ ଉପାୟରେ ଧନ ଉପାର୍ଜନ କରିବାର ମଉକା ମିଳିବ। ମଙ୍ଗଳ, ବୁଧ ଓ ଗୁରୁବାର: କୌଣସି ବନ୍ଧୁଙ୍କ କଥାରେ ବିଚଳିତ ହୋଇ ପାରନ୍ତି। ଶୁକ୍ର ଓ ଶନିବାର: ଜୀବନରେ ଏମିତିକିଛି ସମ୍ପର୍କରେ ପ୍ରତ୍ୟାବର୍ତ୍ତନ ହୋଇ ପାରେ। ରବିବାର: କର୍ମକ୍ଷେତ୍ରକୁ ନେଇ ଚିନ୍ତିତ ରହିବେ।

**ତୁଳା:** ସୋମବାର: ସ୍ୱାସ୍ଥ୍ୟ ପ୍ରତି ସଚେତନ ରୁହନ୍ତୁ। ମଙ୍ଗଳ, ବୁଧ ଓ ଗୁରୁବାର: ବେକାରଙ୍କୁ ରୋଜଗାର ମିଳିବ। ଶୁକ୍ର ଓ ଶନିବାର: ବିଶେଷ କାମରେ ବାଧା ଉପୁଜିପାରେ। ରବିବାର: ହଠାତ୍ ଅସୁସ୍ଥ ଅନୁଭବ କରିବେ। ଅଯଥା ବାଦ ବିବାଦରୁ ଦୂରେଇ ରହିବା ଭଲ।

**ବିଛା:** ସୋମବାର: ବ୍ୟବସାୟରେ ସବୁ ଭଲ ହେବ। ମଙ୍ଗଳ, ବୁଧ ଓ ଗୁରୁବାର: ଅଫିସ୍ରେ ଆପଣଙ୍କ କାମର ପ୍ରଶଂସା ହେବ। ଶୁକ୍ର ଓ ଶନିବାର: ଜୀବନସାଥୀଙ୍କ ସହିତ ସମ୍ବନ୍ଧ ମଧୁର ହେବ। ରବିବାର: ବ୍ୟବସାୟରେ ଲାଭବାନ ହେବେ।

**ଧନୁ:** ସୋମବାର: ବ୍ୟବସାୟରେ ଅଧିକ ଲାଭ ମିଳିପାରେ। ମଙ୍ଗଳ, ବୁଧ ଓ ଗୁରୁବାର: କ୍ୟାରିୟରରେ ଭଲ ପରିଣାମ ମିଳିପାରେ। ଶୁକ୍ର ଓ ଶନିବାର: ସାମାଜିକ କାର୍ଯ୍ୟକ୍ରମରେ ସାମିଲ ହୋଇ ଆନନ୍ଦ ଅନୁଭବ କରିବେ। ରବିବାର: ଅଯଥାରେ ସମୟ ଅତିବାହିତ ହେବ।

**ମକର:** ସୋମବାର: ବନ୍ଧୁ ତାଲିକାରେ ଭଲ ଲୋକ ଯୋଡ଼ିବେ। ମଙ୍ଗଳ, ବୁଧ ଓ ଗୁରୁବାର: ଉପାର୍ଜନ ଲାଗି ସୁଯୋଗ ପାଇବେ। ଶୁକ୍ର ଓ ଶନିବାର: କାରବାରରେ ସଫଳତା ପାଇବେ। ରବିବାର: କୌଣସି ବନ୍ଧୁ ସହଯୋଗର ହାତ ବଢ଼ାଇବେ।

**କୁମ୍ଭ:** ସୋମବାର: ସାବଧାନ ନରହିଲେ ଆର୍ଥିକ କ୍ଷତି ହେବାର ସମ୍ଭାବନା ରହିଛି। ମଙ୍ଗଳ, ବୁଧ ଓ ଗୁରୁବାର: ଜୀବନକୁ ଉତ୍କୃଷ୍ଟ କରିବା ଲାଗି ସୁଯୋଗ ପାଇବେ। ଶୁକ୍ର ଓ ଶନିବାର: ନୂଆ କାର୍ଯ୍ୟରେ ରୁଚି ବଢ଼ିବ। ରବିବାର: ଧର୍ମାନୁଷ୍ଠାନ କାର୍ଯ୍ୟରେ ସମୟ କଟିବ।

**ମୀନ:** ସୋମବାର: ସୁ ସମ୍ବାଦକ ପାଇ ଆପଣଙ୍କ ମନ ପ୍ରଫୁଲ୍ଲ ରହିବ। ମଙ୍ଗଳ, ବୁଧ ଓ ଗୁରୁବାର: ବ୍ୟବସାୟରେ ଲାଭବାନ ହେବେ। ଶୁକ୍ର ଓ ଶନିବାର: ଆୟ ବୃଦ୍ଧି ହେବ। ରବିବାର: ଦୀର୍ଘ ଦିନ ଧରି ଆଶା କରିଥିବା ଫଳ ପ୍ରାପ୍ତି ହୋଇପାରେ। ଛୋଟ ବଡ଼ ବିବାଦରୁ ଦୂରେଇ ରହିବା ଭଲ।

## ଗରମ ପାଣିରେ କେଶ ଧୋଇଲେ ହୋଇ ପାରେ କ୍ଷତିକାରକ !

ଅନେକ ସମୟରେ ଶରୀରର ଯତ୍ନ ନେବା ପାଇଁ ବିଭିନ୍ନ ପ୍ରକାର ସାମଗ୍ରୀ ବ୍ୟବହାର ତଥା ପଦ୍ଧତି ଅନୁସରଣ କରିବାକୁ ପଡ଼ିଥାଏ। ବେଳେବେଳେ ଏଭଳି କରିବା ଦ୍ୱାରା ଶରୀର ପାଇଁ ଅନେକ ଉପକାର ମଧ ମିଳିଥାଏ। ହେଲେ ଏଭଳି କିଛି ନକରିବା ଭଲ ଯେଉଁଥିରେ କି ଭଲ ପରିବର୍ତ୍ତେ ଖରାପ ଭୋଗିବାକୁ ପଡ଼ିବ। ଗରମ ପାଣିରେ ଗାଧୋଇଲେ ଶରୀରରୁ କ୍ଲାନ୍ତପଣ ଦୂର ହୋଇଥାଏ। ହେଲେ କିଛି ଲୋକ ଏପରି ଅଛନ୍ତି, ଯେଉଁମାନେ ଗରମ ପାଣିରେ କେଶ ମଧ ଧୋଇଥାଆନ୍ତି। ତେଣୁ ଗରମ ପାଣିରେ କେଶ ଧୋଇବା ଦ୍ୱାରା କେଶ ଅଳ୍ପ ଦିନେ ନଷ୍ଟ ହୋଇ ଯିବାର ସମ୍ଭାବନା ରହିଛି। ଆପଣ ଜାଣିଛନ୍ତି କି ଏପରି କରିବା ଦ୍ୱାରା କେଶ ଅଧିକ ଝଡ଼ିଥାଏ ଏବଂ ରୁକ୍ଷ ହୋଇଥାଏ। ଏପରିକି ଗରମ ପାଣିରେ ମୁଣ୍ଡର ଚର୍ମ ପୋଡ଼ାଜଳା କରିବାର ଆଶଙ୍କା ମଧ ରହିଛି। ତେବେ ଆସନ୍ତୁ ଜାଣିବା ଗରମ ପାଣିରେ ମୁଣ୍ଡ ଧୋଇଲେ, କେଶକୁ କେଉଁସବୁ କ୍ଷତି ପହଞ୍ଚିଥାଏ।

୧. ଯେଉଁମାନେ ଅଧିକ ଗରମ ପାଣିରେ ଗାଧୋଇଥା'ନ୍ତି, ସେମାନଙ୍କର କେବଳ କେଶ ଖରାପ ହୋଇ ନ ଥାଏ, ସ୍କିନ୍ ମଧ ଡ୍ରାଏ ହୋଇଥାଏ। ଗରମ ପାଣି ପ୍ରୟୋଗ ଦ୍ୱାରା ତ୍ୱଚା କୁଣ୍ଡାଇ ହୋଇଥାଏ।

୨. ଗରମ ପାଣି ମୁଣ୍ଡକୁ ଡ୍ରାଏ କରିଥାଏ। ତେଣୁ କେଶରେ ରୂପି ଅଧିକ ହୋଇଥାଏ।

୩. କେଶକୁ ଅଧିକ ଗରମ ପାଣିରେ ଧୁଅନ୍ତୁ ନାହିଁ। ଏହା କେଶର ନରମପଣକୁ ନଷ୍ଟ କରିଥାଏ।

୪. ଯଦି ଆପଣ ନିକଟରେ କେଶକୁ କଲର୍ କରିଛନ୍ତି, ତେବେ ଗରମ ପାଣିରେ ଧୁଅନ୍ତୁ ନାହିଁ। ଏପରି କଲେ କେଶର ରଙ୍ଗ ନଷ୍ଟ ହୋଇ ଶୀଘ୍ର ଫେଡ୍ ହୋଇ ଯାଇଥାଏ।

୫. ଆମ କେଶ କେରାଟିନ୍ ନାମକ ପ୍ରୋଟିନ୍ରେ ତିଆରି। ତେଣୁ ଗରମ ପାଣିରେ ଗାଧୋଇଲେ କେରାଟିନ୍ ନଷ୍ଟ ହୋଇଯାଏ ଓ କେଶ ଅଧିକ ଝଡ଼ିଥାଏ।



## ବୋଉର ରୋଷେଇ ଘର

# ଘରେ ତିଆରି କରିବା ଫିଙ୍ଗର ଚିପ୍ସ



**ଆବଶ୍ୟକ ସାମଗ୍ରୀ:** ଗାଜର, ପୋଟଳ, ବିନ୍, ଫୁଲ କୋବି, ଆଳୁ, ବେସନ, ଚାଉଳ ଗୁଣ୍ଡ, ଧଳା ରାଶି, ଗରମ ମସଲା, ହଳଦୀ ଗୁଣ୍ଡ, କାଶ୍ମୀର ଚିଲି ଓ ଚାଟ ମସଲା, ଛେଚା ଅଦା, କଞ୍ଚା ଲଙ୍କା ଓ ଲୁଣ

**ପ୍ରସ୍ତୁତ ପ୍ରଣାଳୀ:** ଫିଙ୍ଗର ଚିପ୍ସ ତିଆରି କରିବାକୁ ହେଲେ କିଛି ଗାଜର, ପୋଟଳ, ବିମ୍ସ, ଫୁଲ କୋବି ଓ ଆଳୁ ଆଣନ୍ତୁ। ତାକୁ ଲମ୍ବା ଲମ୍ବା କରି କାଟି ଧୋଇ ଏକ ବଡ଼ ପାତ୍ରରେ ରଖନ୍ତୁ।

ପରେ ସେଥିରେ ଅଳ୍ପ ବେସନ, ଚାଉଳ ଗୁଣ୍ଡ, ଧଳା ରାଶି, ଗରମ ମସଲା, ହଳଦୀ ଗୁଣ୍ଡ, କାଶ୍ମୀର ଚିଲି ଓ ଚାଟ ମସଲା ପକାନ୍ତୁ। ସେଥିରେ ଅଳ୍ପ ପାଣି ଦେଇ ଗୋଳାଇ ଦିଅନ୍ତୁ। ଯେମିତି ତାହା ପାଣିଆ ନ ହେବ। ପରେ ଛେଚା ଅଦା, କଞ୍ଚା ଲଙ୍କା ଓ ସ୍ୱାଦ ଅନୁସାରେ ଲୁଣ ପକାଇ ଗୋଳାଇ ଦିଅନ୍ତୁ। ତା'ପରେ କରେଇରେ ତେଲ ଗରମ କରନ୍ତୁ। ତେଲ ଗରମ ହେବା ସେଥିରେ ମସଲା ଗୋଳା ପରିବାକୁ ପକାଇ ଦିଅନ୍ତୁ। ଅଳ୍ପ ଆଞ୍ଚରେ ତାକୁ ଛାଣନ୍ତୁ। ମଝିରେ ମଝିରେ ତାକୁ ଓଲଟାଇ ଦିଅନ୍ତୁ। ଏହା ହୋଇଯିବା ପରେ ତାକୁ ଏକ ପାତ୍ରକୁ କାଢ଼ି ଦିଅନ୍ତୁ। ପ୍ରସ୍ତୁତ ହୋଇଗଲା କୁଡୁମୁଡିଆ ଫିଙ୍ଗର ଚିପ୍ସ।

ନିଷ୍କର୍ଷର ପ୍ରତି ସଂଖ୍ୟାରେ ପ୍ରକାଶ ପାଉଛି ବୋଉର ରୋଷେଇ ଘର। ଏହି ସ୍ତମ୍ଭରେ ଆପଣମାନଙ୍କ ଭଳି ମା' ଭଉଣୀମାନେ ବିଭିନ୍ନ ସୁସ୍ୱାଦୁ ରୋଷେଇ ସମ୍ପର୍କରେ ସବିଶେଷ ତଥ୍ୟ ଦେଇ ଆମ୍ଭ ପାଖକୁ ପଠାଇଥାନ୍ତି ବିଭିନ୍ନ ପ୍ରକାର ବ୍ୟଞ୍ଜନର ପ୍ରସ୍ତୁତି ପଦ୍ଧତି। ଆପଣ ବି ପଠାଇ ପାରିବେ ଆମ୍ଭ ଠିକଣାରେ।





# ଯଜ୍ଞ କରିବା ପରେ ନାମାଙ୍କନ ଦାଖଲ କଲେ ଯୋଗୀ ଆଦିତ୍ୟନାଥ



**ଗୋରଖପୁର(ଏଜେନ୍ସି):** ଉତ୍ତର ପ୍ରଦେଶର ଗୋରଖପୁର ଆସନରୁ ପ୍ରାର୍ଥୀ ହୋଇଥିବା ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ଆଜି ନାମାଙ୍କନ ଦାଖଲ କରିଛନ୍ତି । ନାମାଙ୍କନ ଦାଖଲ ବେଳେ ତାଙ୍କ ପାଖରେ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହ ଉପସ୍ଥିତ ଥିଲେ । ସେହିପରି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ଉତ୍ତର ପ୍ରଦେଶ ବିଜେପି ମୁଖ୍ୟ ସ୍ୱତନ୍ତ୍ର ଦେବ ସିଂହଙ୍କ ସମେତ ବହୁ ବରିଷ୍ଠ ବିଜେପି ନେତମାନେ ମଧ ଯୋଗୀଙ୍କ ନାମାଙ୍କନ ଦାଖଲ କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ ।ନାମାଙ୍କନ ଦାଖଲ କରିବା ପୂର୍ବରୁ ଯୋଗୀ ଆଦିତ୍ୟନାଥ ଗୋଟିଏ ବିଶାଳ ଯଜ୍ଞ କରିଥିଲେ । ଏଥିସହ ଗୋରଖନାଥ ମନ୍ଦିରରେ ପୂଜାର୍ଚ୍ଚନା କରିଥିଲେ । ପୂଜାର୍ଚ୍ଚନା ସରିବା ପରେ ସେ ସିଧା ଏୟାରପୋର୍ଟରେ ପହଞ୍ଚିଥିଲେ । ସେଠାରେ ଅମିତ ଶାହଙ୍କୁ ସ୍ୱାଗତ କରି ଉଭୟ ଗୋରଖପୁରରେ ଆୟୋଜିତ ବିଶାଳ ରାଲିକୁ ସମ୍ବୋଧନ କରିଥିଲେ । ରାଲିରୁ ଯୋଗୀ ଆଦିତ୍ୟନାଥ ଓ ଅମିତ ଶାହ ନାମାଙ୍କନ ଦାଖଲ କରିବା ପାଇଁ ଯାଇଥିଲେ । ଯୋଗୀ ପ୍ରଥମଥର ପାଇଁ ବିଧାନସଭା ନିର୍ବାଚନ ଲଢ଼ିବାକୁ ଯାଉଛନ୍ତି । ବିଜେପି ତାଙ୍କୁ ଗୋରଖପୁରରୁ ପ୍ରାର୍ଥୀ କରିଛି । ଏହା ଯୋଗୀଙ୍କ ଗଡ଼ ଭାବେ ପରିଚିତ । ପୂର୍ବରୁ ଯୋଗୀ ଗୋରଖପୁର ଲୋକସଭା ଆସନରୁ ଏକାଧିକ ଥର ଲୋକସଭାକୁ ନିର୍ବାଚିତ ହୋଇଥିଲେ । ତେବେ ୨୦୧୭ରେ ମୁଖ୍ୟମନ୍ତ୍ରୀ ହେବା ପରେ ତାଙ୍କୁ ଲୋକସଭା ଆସନ ଛାଡ଼ିବାକୁ ପଡ଼ିଥିଲା । ସେ ୟୁପି ବିଧାନ ପରିଷଦକୁ ନିର୍ବାଚନ ହୋଇ ମୁଖ୍ୟମନ୍ତ୍ରୀ ପଦ ବଜାୟୀ ରଖିଥିଲେ । ହେଲେ ସେ ୨୦୨୨ରେ ପ୍ରଥମଥର ପାଇଁ ବିଧାନସଭା ନିର୍ବାଚନ ଲଢ଼ିବାକୁ ଯାଉଛନ୍ତି । ଗୋରଖପୁରରେ ମାର୍ଚ୍ଚ ୩ ଅର୍ଥାତ ୬ଷ୍ଠ ପର୍ଯ୍ୟାୟରେ ଭୋଟିଂ ହେବ । ଏହି ଆସନରେ ଯୋଗୀଙ୍କୁ ଟକ୍କର ଦେବାକୁ ଅଣ୍ଟା ଭିଡ଼ିଛନ୍ତି ଭୀମ ଆର୍ମି ମୁଖ୍ୟ ଚନ୍ଦ୍ରଶେଖର ଆଜାଦ । ସେ ଗୋରଖପୁର ଆସନରୁ ଲଢ଼ିବେ ବୋଲି କିଛିଦିନ ତଳେ ଘୋଷଣା କରିଥିଲେ ।

# ସିରିଆରେ ପଶି ଆଇଏସଆଇଏସ ମୁଖ୍ୟଙ୍କୁ ହତ୍ୟା କଲା ଆମେରିକା



**ୱାଶିଂଟନ(ଏଜେନ୍ସି):** ପୁଣିଥରେ କୁଖ୍ୟାତ ଆତଙ୍କବାଦୀ ସଂଗଠନ ଆଇଏସ୍ଆଇଏସ୍ ବିରୋଧରେ ବଡ଼ ଧରଣର ଷ୍ଟ୍ରାଇକ କରିଛି ଆମେରିକା । ସିରିଆରେ ଆମେରିକା ସେନା ପ୍ରବେଶ କରି ଆଇଏସ୍ର ମୁଖ୍ୟ ଅବୁ ଇବ୍ରାହିମ ଅଲ ହାଶିମି ଅଲ କୁରେଶିଙ୍କୁ ହତ୍ୟା କରିଛି । ଏଥିସହ ଆମେରିକା ସେନା ସେ ରହୁଥିବା ପ୍ରତିଷ୍ଠାନକୁ ମଧ ଧ୍ୱଂସ କରି ଦେଇଛି । ଏହି ଅପରେସନ ପରେ ଆମେରିକାର ଯବାନମାନେ ସୁରକ୍ଷିତ ସ୍ୱଦେଶ ମଧ ଫେରିଛନ୍ତି । ପୂର୍ବରୁ ଆଇଏସ୍ର ପ୍ରତିଷ୍ଠାତା ଅବୁ ବକର ଅଲ ବାଗଦାଦିକୁ ମଧ ଆମେରିକା ଅନୁରୂପ ଭାବେ ନିହତ କରିଥିଲା । ଆମେରିକା ପକ୍ଷରୁ ଆଇଏସଆଇଏସ ବିରୋଧରେ ହୋଇଥିବା ଅପରେସନ ସମ୍ପର୍କରେ ରାଷ୍ଟ୍ରପତି ଜୋ ବାଇଡେନ ଟ୍ୱିଟ ଯୋଗେ ସୂଚନା ଦେଇଛନ୍ତି । ସେ ପରବର୍ତ୍ତୀ ଅବସ୍ଥାରେ ଘଟଣା ସମ୍ପର୍କରେ ବିସ୍ତୃତ ତଥ୍ୟ ଦେବେ ବୋଲି ମଧ କହିଛନ୍ତି ।

ବାଇଡେନ ଟ୍ୱିଟ କରି କହିଛନ୍ତି, "ଆମ ଆର୍ମଡ ଫୋର୍ସର ଦକ୍ଷତା ଓ ସାହାସ ଯୋଗୁ ଆମେ ଆଇଏସଆଇଏସ୍ ନେତା ଅବୁ ଇବ୍ରାହିମ ଅଲ ହାଶିମି ଅଲ କୁରେଶିଙ୍କୁ ଯୁଦ୍ଧ କ୍ଷେତ୍ରରେ ଶେଷ କରି ଦେଇଛୁ । ଅପରେସନରୁ ସବୁ ଆମେରିକୀୟ ସୁରକ୍ଷିତ ଭାବେ ପ୍ରତ୍ୟାବର୍ତ୍ତନ କରିଛନ୍ତି । ଗତ ରାତିରେ ମୋ ନିର୍ଦ୍ଦେଶକ୍ରମେ ଆମେରିକା ସେନା ବାହିନୀ ସଫଳତାର ସହ ଆତଙ୍କବାଦ ବିରୋଧୀ ଅଭିଯାନ କରିଥିଲା । ପରବର୍ତ୍ତୀ ଅବସ୍ଥାରେ ପୂରା ଅପରେସନ ବିଷୟରେ ମୁଁ ସମସ୍ତଙ୍କୁ ସୂଚନା ଦେବି ।" ମିଳିଥିବା ସୂଚନା ଅନୁଯାୟୀ, ସରିୟାର ଇଡଲିବ ପ୍ରଦେଶରେ ଥିବା ଆଟମେହ ଗାଁରେ ଆମେରିକାର ସ୍ପେଶାଲ ଫୋର୍ସ ଗତ ରାତିରେ ଅପରେସନ କରିଥିଲା । ଆମେରିକା ଯବାନମାନେ ହେଲିକପ୍ଟର ଯୋଗେ ଅବୁ ଇବ୍ରାହିମ ରହୁଥିବା ବିଲଡିଂ ନିକଟରେ ପହଞ୍ଚିଥିଲେ । ତେବେ ସେଠାରେ ଥିବା ତା'ର ସହଯୋଗୀମାନେ ଯବାନମାନଙ୍କୁ କଡ଼ା ଚ୍ୟାଲେଞ୍ଜ ଦେଇଥିଲେ । ଦୀର୍ଘ ୨ ଘଣ୍ଟା ଧରି ଉଭୟ ପକ୍ଷ ମଧରେ ଘମାଘୋଟ ଲଢ଼େଇ ଚାଲିଥିଲା । ବିସ୍ଫୋରଣ ସାଙ୍ଗକୁ ଗୁଳିମାଡ଼ରେ ସ୍ଥାନୀୟ ଅଞ୍ଚଳ ଥରି ଉଠିଥିଲା । ଏହି ଅପରେସନରେ ପ୍ରାଥମିକ ଭାବେ ୧୩ ଜଣଙ୍କ ମୃତ୍ୟୁ ଘଟିଥିବା ଅନ୍ତର୍ଜାତୀୟ ଗଣମାଧମରେ ଖବର ପ୍ରକାଶ ପାଇଛି । ଏଥିରେ ୪ ଜଣ ମହିଳା ଓ ୬ ଜଣ ଛୋଟ ପିଲା ରହିଛନ୍ତି । ଆମେରିକା ଯବାନମାନେ ଆଇଏସ୍ ସଦସ୍ୟଙ୍କ ମୁକାବିଲା କରି ଅବୁ ଇବ୍ରାହିମ ପାଖରେ ପହଞ୍ଚିଥିଲେ । ସେ ଯବାନମାନଙ୍କୁ ଦେଖି ଭୟରେ ନିଜକୁ ବିସ୍ଫୋରଣ କରି ଉଡ଼ାଇ ଦେଇଥିଲା । ଏଥିରେ ତା' ପରିବାର ଲୋକ ମଧ ପ୍ରାଣ ହରାଥିବା କୁହାଯାଉଛି । ୨୦୧୯ ଅକ୍ଟୋବର ୩୧ ରାତିରେ ମଧ ସିରିଆରେ ଆମେରିକା ଅନୁରୂପ ଅପରେସନ କରିଥିଲା । ଏଥିରେ ଅବୁ ବକର ଅଲ ବାଗଦାଦି ନିହତ ହୋଇଥିଲା । ସେ ମଧ ଆମେରିକା ଯବାନଙ୍କ ଭୟରେ ନିଜକୁ ବିସ୍ଫୋରଣରେ ଉଡ଼ାଇଥିଲା । ଏଥିରେ ତା' ପତ୍ନୀ ଓ ପିଲାମାନେ ମଧ ପ୍ରାଣ ହରାଇଥିଲା । ବାଗଦାଦି ପ୍ରାଣ ହରାଇବା ପରେ ଅବୁ ଇବ୍ରାହିମ ଆଇଏସର ମୁଖ୍ୟ ଭାବେ କାମ କରୁଥିଲା ।

# ଆଇନ ଅଦାଲତ

## ଓଡ଼ିଶା ହାଇକୋର୍ଟରେ ଯୋଗଦେବେ ୪ଜଣ ନୂତନ ବିଚାରପତି



**କଟକ(ଏନ୍.ଏମ୍.):** ଓଡ଼ିଶା ହାଇକୋର୍ଟରେ ଯୋଗଦେବେ ୪ଜଣ ନୂତନ ବିଚାରପତି । ଏ ନେଇ ସୁପ୍ରିମକୋର୍ଟଙ୍କ କଲେଜିୟମ ପକ୍ଷରୁ ଘୋଷଣା କରାଯାଇଛି । ୪ଜଣ ବରିଷ୍ଠ ଆଇନଜୀବୀଙ୍କୁ ବିଚାପତି ଭାବେ ନିଯୁକ୍ତି ଦିଆଯିବା ପାଇଁ ଯାଇଥିବା ପ୍ରସ୍ତାବକୁ କଲେଜିୟମରୁ ଅନୁମୋଦନ ମିଳିଛି । ତେବେ ପ୍ରକାଶିତ ୪ଜଣଙ୍କ ନାମ ମଧରେ ଭି. ନରସିଂହ, ସଞ୍ଜୟ କୁମାର ମିଶ୍ର, ବିରଜା ପ୍ରସନ୍ନ ଶତପଥୀ, ଶ୍ରୀରମଣ ମୁରହରି ଓରଫ ଏମ.ଏମ. ରମଣ ରହିଛନ୍ତି । ଖୁବ ଶିଘ୍ର ଏହି ବିଚାରପତିମାନେ ଓଡିଶା ହାଇକୋଟରେ ଯୋଗଦେବେ ବୋଲି ଜଣାପଡ଼ିଛି । ତେବେ ଏହି ବିଚାରପତିମାନେ ଯୋଗଦେବା ପରେ ହାଇକୋର୍ଟରେ ବିଚାରପତିଙ୍କ ସଂଖ୍ୟା ବୃଦ୍ଧି ପାଇବ ବୋଲି କୁହାଯାଉଛି ।

## ଆଜି ଠାରୁ ପୂର୍ଣ୍ଣ କ୍ଷମତା ସହିତ କାର୍ଯ୍ୟ କରିବ ହାଇକୋର୍ଟ

**କଟକ(ଏନ୍.ଏମ୍.):** ରାଜ୍ୟରେ ହୁହୁ ହୋଇ କରୋନା ସଂକ୍ରମଣ ବୃଦ୍ଧି ପାଉଥିବାବେଳେ ବିଭିନ୍ନ ଦପ୍ତରରେ ଏକାଧିକ ଅଧିକାରୀ ଓ କର୍ମଚାରୀ ସଂକ୍ରମିତ ହୋଇଥିଲେ । ତେବେ ଏ ସମ୍ପର୍କରେ ଜଣାପଡ଼ିବା ପରେ ସ୍ୱାସ୍ଥ୍ୟ ବିଭାଗ ଏବଂ ସ୍ୱତନ୍ତ୍ର ରିଲିଫ କମିଶନରଙ୍କ ପକ୍ଷରୁ ଏକ ଏସଓପି ଜାରି କରାଯାଇଥିଲା । ଏହାଦ୍ୱାରା କରୋନା ସଂକ୍ରମଣକୁ ମୁକାବିଲା ସମ୍ଭବ ବୋଲି ଏସଓପିରେ ଉଲ୍ଲେଖ ରହିଥିଲା । ତେଣୁ ସେହି ଏସଓପି ବଳରେ ବିଭିନ୍ନ କାର୍ଯ୍ୟାଳୟରେ ଜନଗହଳିକୁ ହ୍ରାସ କରିବା, ଯଥା ସମ୍ଭବ କମ୍ କର୍ମଚାରୀରେ କାମ କରିବା ଭଳି ନିଷ୍ପତ୍ତି ନିଆଯାଇଥିଲା । ତେବେ ଓଡ଼ିଶା ଉଚ୍ଚ ନ୍ୟାୟାଳୟରେ କିଛି ଅଧିକାରୀ ଓ କର୍ମଚାରୀ କରୋନା ସଂକ୍ରମିତ ହେବା ପରେ ଏହାକୁ ମୁକାବିଲା କରିବା ପାଇଁ ହାଇକୋର୍ଟରେ ମଧ କଟକଣା ଲାଗୁ ହୋଇଥିଲା । କରୋନା ସଂକ୍ରମଣ ପରିପ୍ରେକ୍ଷୀରେ ଓଡ଼ିଶା ହାଇକୋର୍ଟରେ ଲୋକଶକ୍ତି ହ୍ରାସ କରାଯାଇଥିଲା । ଦୀର୍ଘ ଦିନ ଧରି କୋର୍ଟରେ ଆବଶ୍ୟକ ଅନୁଯାୟୀ ଯଥାସମ୍ଭବ କମ ଲୋକଶକ୍ତିରେ କାର୍ଯ୍ୟ କରୁଥିଲା । ତେବେ ସମ୍ପ୍ରତି ରାଜ୍ୟରେ କରୋନା ସଂକ୍ରମଣ ନିୟନ୍ତ୍ରଣ ଥିବାରୁ ବିଭିନ୍ନ ଦପ୍ତରକୁ ପୂର୍ଣ୍ଣ ଖୋଲାଯାଉଛି । ତେବେ ସେଠାରେ ସାମାଜିକ ଦୂରତା, ମାସ୍କ ପରିଧାନ କରି ଅଧିକାରୀ ଓ କର୍ମଚାରୀମାନେ ଆସିବା ପାଇଁ ନିୟମ ହୋଇଛି । ଏହି ପରିପ୍ରେକ୍ଷୀରେ ଆସନ୍ତା ଫେବୃୟାରୀ ୭ତାରିଖ (ସୋମବାର) ଠାରୁ ହାଇକୋର୍ଟ ସମ୍ପୂର୍ଣ୍ଣ କର୍ମଚାରୀଙ୍କ ଶକ୍ତି ସହିତ କାର୍ଯ୍ୟ ଆରମ୍ଭ କରିବାକୁ ହାଇକୋର୍ଟ ଜୁଡିସିଆଲ ରେଜିଷ୍ଟର ନିର୍ଦ୍ଦେଶ ଦେଇଛନ୍ତି । ଏହାର ଆଦେଶରେ ରାଜ୍ୟ ସର୍ବୋଚ୍ଚ ନ୍ୟାୟାଳୟ କହିଛନ୍ତି ଯେ, ଓଡ଼ିଶା ହାଇକୋର୍ଟର ସମସ୍ତ ବେଞ୍ଚରେ ମାମଲାର ଶୁଣାଣି ହାଇବ୍ରିଡ ମୋଡରେ କରାଯିବ । ସେହିଭଳି, ସେହି ଦିନ ଠାରୁ କେସ୍ ରେକର୍ଡଗୁଡିକର ସାର୍ଟିଫିକେଟ୍ କପିଗୁଡ଼ିକର ଅନୁଦାନ ପୁଣି ଆରମ୍ଭ ହେବ । ଉଲ୍ଲେଖଯୋଗ୍ୟ, ସମଗ୍ର ରାଜ୍ୟରେ କରୋନା ମାମଲା ବୃଦ୍ଧି ହେତୁ ଓଡିଶା ହାଇକୋର୍ଟ ସର୍ବନିମ୍ନ ଶକ୍ତି ସହିତ କାର୍ଯ୍ୟ କରୁଥିଲା । ତେବେ କରୋନା ସଂକ୍ରମଣକୁ ଦୃଷ୍ଟିରେ ରଖି ଏହି ବ୍ୟବସ୍ଥାରେ ସହଯୋଗ କରିବାକୁ ଏବଂ କଡାକଡି ଭାବରେ ଏସ୍ଓପି ଅନୁସରଣ କରିବାକୁ ସମ୍ପୃକ୍ତ ସମସ୍ତ ବ୍ୟକ୍ତି ଏଥିରେ ସହଯୋଗ କରିବେ ବୋଲି ଏଥିରେ କୁହାଯାଇଛି । ଏ ନେଇ ମେମୋ ନମ୍ବର ୧୯୭୮(୧୫୦)/୪.୪.୨୦୨୨ରେ କୋର୍ଟର ସମସ୍ତ ଅଧିକାରୀ, ମୁଖ୍ୟବିଚାରପତିଙ୍କ ସଚିବ, ସମସ୍ତ ବିଚାରପତିଙ୍କ ସଚିବ, ସମସ୍ତ କୋର୍ଟ ଅଧିକ୍ଷକ, ଏନଆଇସି ବୈଷୟିକ ନିର୍ଦ୍ଦେଶକ, କୋର୍ଟର ସ୍ୱାସ୍ଥ୍ୟ ଅଧିକାରୀ ଓ ନୋଟିସ ବୋର୍ଡ଼ରେ ମଧ ସମସ୍ତଙ୍କ ଅବଗତି ନିମନ୍ତେ ସ୍ୱତନ୍ତ୍ର ସେଲ ଅଧିକାରୀ ସୂଚନା ଦେଇଛନ୍ତି ।

## ସେନା ପୋଷାକ ପିନ୍ଧି ଅଡୁଆରେ ପ୍ରଧାନମନ୍ତ୍ରୀ ମୋଦି, ପିଏମଓକୁ ଗଲା କୋର୍ଟ ନୋଟିସ



**ଲକ୍ଷ୍ନୌ(ଏଜେନ୍ସି):** ଭାରତୀୟ ସେନାର ପୋଷାକ ପିନ୍ଧି ବିବାଦରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି । ଗତବର୍ଷ କଶ୍ମୀର ଯିବା ସମୟରେ ପ୍ରଧାନମନ୍ତ୍ରୀ ମୋଦି ସେନା ପୋଷାକ ପିନ୍ଧିଥିଲେ । ତେବେ ଏହା ବିରୋଧରେ ଆଗତ ଆବେଦନର ଶୁଣାଣି କରି ଉତ୍ତର ପ୍ରଦେଶର ଗୋଟିଏ ଜିଲ୍ଲା କୋର୍ଟ ପ୍ରଧାନମନ୍ତ୍ରୀ କାର୍ଯ୍ୟାଳୟ(ପିଏମଓ)କୁ ନୋଟିସ କରିଛନ୍ତି ।

ଆବେଦନକାରୀ ଶୁଣାଣି ବେଳେ ଏପରି ପୋଷାକ ପରିଧାନ ଦଣ୍ଡନୀୟ ଅପରାଧ ବୋଲି କୋର୍ଟଙ୍କୁ ଜଣାଇଛନ୍ତି । ମୋଦିଙ୍କ ସେନା ପୋଷାକ ପରିଧାନକୁ ବିରୋଧ କରି ପ୍ରୟାଗରାଜ କୋର୍ଟରେ ଏକ ଆବେଦନ କରାଯାଇଥିଲା । ଏଥିରେ ଦର୍ଶାଯାଇଛି ଯେ ଦେଶର ସୈନ୍ୟ, ସେଲର ଓ ଏୟାରମ୍ୟାନଙ୍କ କୌଣସି ଜିନିଷକୁ ସାଧାରଣ ଲୋକ ବ୍ୟବହାର କରିବା ଆଇପିସିର ଧାରା ୧୪୦ ଅନୁଯାୟୀ ଦଣ୍ଡନୀୟ ଅପରାଧ । ଆଇନଜୀବୀ ରାକେଶ ନାଥ ପାଣ୍ଡେଙ୍କ ଯୁକ୍ତି ଶୁଣିବା ପରେ ଜିଲ୍ଲା ଜଜ ନଳୀନ କୁମାର ଶ୍ରୀବାସ୍ତବ ପିଏମଓକୁ ନୋଟିସ କରିଥିବା ଜଣାପଡ଼ିଛି । ଶ୍ରୀ ପାଣ୍ଡେ ପ୍ରଥମେ ଗତବର୍ଷ ଡିସେମ୍ବର ମାସରେ ଏସଂକ୍ରାନ୍ତ ଆବେଦନ ମୁଖ୍ୟ ଜୁଡିସିଆଲ ମାଜିଷ୍ଟ୍ରେଟ ହରେନ୍ଦ୍ର ନାଥଙ୍କ ନିକଟରେ ଦାଖଲ କରିଥିଲେ । କିନ୍ତୁ ଏହା ତାଙ୍କ ବିଚାର ପରିସର ମଧରେ ଆସୁ ନଥିବାରୁ ଆବେଦନ ଖାରଜ ହୋଇଥିଲା । ଏହାକୁ ଶ୍ରୀ ପାଣ୍ଡେ ଜିଲ୍ଲା କୋର୍ଟରେ ଚ୍ୟାଲେଞ୍ଜ କରିଥିଲେ । ଏହାକୁ ଗ୍ରହଣ କରି ଜିଲ୍ଲା କୋର୍ଟ ପିଏମଓକୁ ନୋଟିସ କରିଛନ୍ତି । ଏବେ ମାମଲାର ପରବର୍ତ୍ତୀ ଶୁଣାଣି ମାର୍ଚ୍ଚ ୨ରେ ହେବ । ସୂଚନାଯୋଗ୍ୟ, ଗତବର୍ଷ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଦୀପାବଳି ପାଳିବା ପାଇଁ ଜମ୍ମୁ-କଶ୍ମୀରର ନୌଶେରା ସେକ୍ଟରରେ ପହଞ୍ଚିଥିଲେ । ଏହି ସମୟରେ ସେ ସେନା ପୋଷାକ ପରିଧାନ କରିବା ସହ ଯବାନମାନଙ୍କ ସହ ଦୀପାବଳି ଉତ୍ସବ ପାଳନ କରିଥିଲେ । ଏହି ଅବସରରେ ପ୍ରଧାନମନ୍ତ୍ରୀ ମୋଦି ସେନା ବାହିନୀ ପାଇଁ ସରକାର ନେଇଥିବା ନେଇଥିବା ପଦକ୍ଷେପ ଗୁଡ଼ିକ ବିଷୟରେ ଯବାନଙ୍କୁ ଅବଗତ କରାଇ ଯବାନଙ୍କୁ ଉତ୍ସାହିତ କରାଇଥିଲେ ।

## ଓଡ଼ିଶା ହୋମସ ପ୍ରାଇଭେଟ୍ ଲିମିଟେଡ଼ର ସମ୍ପତ୍ତି ବ୍ୟାଜପ୍ତି ପାଇଁ ନିର୍ଦ୍ଦେଶ

**କଟକ(ଏନ୍.ଏମ୍.):** ଚିଟଫଣ୍ଡ ସଂସ୍ଥା ଓଡ଼ିଶା ହୋମସ ପ୍ରାଇଭେଟ୍ ଲିମିଟେଡ଼ର ସମ୍ପତ୍ତି ବ୍ୟାଜପ୍ତି ପାଇଁ କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି । ସଂସ୍ଥାର ୧୮ ଏକର ଜମି ଓ ୮ ଲକ୍ଷ ୮୭ ହଜାର ଟଙ୍କାର ବ୍ୟାଙ୍କ ଜମା ବ୍ୟାଜପ୍ତି ପାଇଁ କଟକ ସ୍ୱତନ୍ତ୍ର ଚିଟଫଣ୍ଡ କୋର୍ଟ ଏଭଳି ନିର୍ଦ୍ଦେଶ ଦେଇଥିବା ଜଣାପଡ଼ିଛି । ସୂଚନା ଅନୁଯାୟୀ, ଜଟଣୀ ଅଞ୍ଚଳରେ ସୁଲଭ ମୂଲ୍ୟରେ ଫ୍ଲାଟ୍ ଯୋଗାଇଦେବାର ପ୍ରତିଶ୍ରୁତି ଦେଇ ଏହି ସଂସ୍ଥା ୧୫୩ ଜଣ ସାଧାରଣ ଜମାକାରୀଙ୍କଠାରୁ ୭ କୋଟି ୫୪ ଲକ୍ଷ ୩୯ ହଜାର ୫୬୮ଟଙ୍କା ଆଦାୟ କରିଥିଲା । କିନ୍ତୁ ଧାର୍ଯ୍ୟ ସମୟ ମଧରେ ସେମାନଙ୍କୁ ଫ୍ଲାଟ ଯୋଗାଇ ଦେବା ପରିବର୍ତ୍ତେ ବାରମ୍ବାର କାଳକ୍ଷେପଣ ନୀତି ଅବଲମ୍ବନ କରିଥିଲା । ତେବେ ଫ୍ଲାଟ ପାଇଁ ଅର୍ଥ ଦେଇଥିବା ହିତାଧିକାରୀମାନେ ଫ୍ଲାଟ୍ ନମିଳିବାରୁ କ୍ରାଇମବ୍ରାଞ୍ଚର ଇଓଡବ୍ଲୁ ନିକଟରେ ଅଭିଯୋଗ କରିଥିଲେ । ଅଭିଯୋଗ ହେବାପରେ ଇଓଡବ୍ଲୁ ମାମଲାର ତଦନ୍ତ କରି ସଂସ୍ଥାର ଖୋର୍ଦ୍ଧା ଜିଲ୍ଲାରେ ଥିବା ୧୮ ଏକର ୩୦ ଡିସିମିଲ ଜମି ଓ ୯ଟି ବ୍ୟାଙ୍କରେ ଥିବା ପ୍ରାୟ ୯ଲକ୍ଷ ଟଙ୍କାର ଜମା ରାଶି ଜବତ କରାଯାଇଥିଲା । ଏସବୁ ସମ୍ପତ୍ତି ବ୍ୟାଜପ୍ତି କରି ବିକ୍ରି ଲବ୍ଧ ଟଙ୍କା ଜମାକାରୀଙ୍କ ମଧରେ ବାଣ୍ଟିଦେବାକୁ କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି ।

ନିଷ୍କର୍ଷ
NISHKARSHA




# ବିଦାୟ ଲତା

ଭାରତୀୟ ସଂଗୀତର କିମ୍ବଦନ୍ତୀ ଲତା ମଙ୍ଗେସକର କଣ୍ଠ ହିଁ ତାଙ୍କର ପରିଚୟ। ଆଖି ବୁଜି ତାଙ୍କ ଗୀତ ବାରିହୁଏ। ବନ୍ଧ ସେ କୋକିଳ କଣ୍ଠୀ, ସ୍ୱର ସମ୍ରାଜ୍ଞୀ, ତାଙ୍କ ସ୍ୱରରେ ସ୍ୱୟଂ ମା’ ସରସ୍ୱତୀ ବିଦ୍ୟମାନ। ପିଲା ବେଳୁ ହିଁ ସଙ୍ଗୀତ ପ୍ରତି ମନ ବଳାଇଥିଲେ ମାତ୍ର ତାଙ୍କ ୧୩ ବର୍ଷ ବୟସ ହୋଇଥିବା ବେଳେ ହୃଦଘାତରେ ତାଙ୍କ ବାପାଙ୍କ ଦେହାନ୍ତ ହୋଇଥିଲା । ପରିବାର ଚଳାଇବା ପାଇଁ ଶେଷରେ ୧୯୪୨ ମସିହାରେ ସଙ୍ଗୀତ ଜଗତରେ ପାଦ ଦେଇଥିଲେ ଲତା ମଙ୍ଗେସକର ।

ପିତାଙ୍କ ମୃତ୍ୟୁ ପରେ ଲତାଙ୍କୁ ବିଭିନ୍ନ ଚଳଚ୍ଚିତ୍ରରେ ଗୀତ ଗାଇବାର ସୁଯୋଗ ଦେଇଥିଲେ ନବଯୁଗ ଚିତ୍ରପଟ୍ଟ ଚଳଚ୍ଚିତ୍ର କମ୍ପାନି ସ୍ୱତ୍ତ୍ୱାଧିକାରୀ ବିନାୟକ ଦାମୋଦର କରର୍ଣ୍ଣାଟକୀ। କିନ୍ତୁ ସଙ୍ଗୀତ ନିର୍ଦ୍ଦେଶକ ଗୁଲାମ୍ ହେଦର୍ ଲତାଙ୍କ ପ୍ରତିଭାକୁ ପରଖି ଥିଲେ ଓ ତାଙ୍କୁ ବଲିଉଡ୍‌ର କଣ୍ଠଶିଳ୍ପୀ ହେବାକୁ ପ୍ରେରଣା ଦେଇଥିଲେ। ୧୯୬୩ ମସିହାରେ ହୋଇଥିବା ଭାରତ-ଚୀନ ଯୁଦ୍ଧ ସମୟରେ ଜନଗଣଙ୍କ ମନୋବଳ ବୃଦ୍ଧି ଲାଗି ଲତାଙ୍କ ଗୀତ ‘ଏ ମେରେ ବତନ କେ ଲୋଗୋଁ’ ସବୁ ଭାରତୀୟଙ୍କ ମନକୁ ଭାବବିହ୍ୱଳ କରିଥିଲା । ସେତେବେଳର ପ୍ରଧାନମନ୍ତ୍ରୀ ଜବାହାରଲାଲ ନେହେରୁ ଏହି ଗୀତ ଶୁଣି ଭାବବିହ୍ୱଳ ହୋଇପଡିଥିଲେ। ଏହି ଗୀତ ପାଇଁ ତାଙ୍କୁ ପଦ୍ମଭୂଷଣ ସମ୍ମାନରେ ସମ୍ମାନିତ କରାଯାଇଥିଲା। ନିଜ କ୍ୟାରିୟର ଭିତରେ ଭାରତୀୟ ସିନେମାକୁ ଅନେକ ସଙ୍ଗୀତ ଭେଟି ଦେଇଛନ୍ତି ଲତା ମଙ୍ଗେସକର। କେବଳ ହିନ୍ଦୀ ନୁହେଁ ୩୬ଟି ଭାଷାର ଗୀତରେ କଣ୍ଠଦାନ କରି ସେ ପ୍ରସିଦ୍ଧି ଲାଭ କରିଛନ୍ତି । ବିଭିନ୍ନ ଭାଷାରେ ପ୍ରାୟ ୫୦,୦୦୦ ଗୀତ ଲତା ମଙ୍ଗେସକର ଗାଇ ସାରିଛନ୍ତି। ସେ ମୁଖ୍ୟତଃ ହିନ୍ଦୀ, ମରାଠୀ ଓ ବଙ୍ଗଳା ଗୀତ ଗାନ କରିଛନ୍ତି। ଲତା ମଙ୍ଗେସକର ଦୁଇଟି ଓଡ଼ିଆ ଗୀତରେ ମଧ୍ୟ କଣ୍ଠଦାନ କରିଛନ୍ତି। ମା’ ସରସ୍ୱତୀଙ୍କ ପୂଜା ଶେଷ କରି ତା ପର ଦିନ ବାହୁଡି ଯାଇଛନ୍ତି ଲତା । ପଞ୍ଚଭୂତରେ ଲୀନ ହେଲା ଭାରତ ରତ୍ନ କୋକିଳକଣ୍ଠୀ ଲତା ମଙ୍ଗେସକରଙ୍କ ପାର୍ଥିବ ଶରୀର। ଶରୀରର ଅନ୍ତଃ ହୋଇଛି ସତ, କିନ୍ତୁ ପ୍ରତିଟି ଭାରତୀୟଙ୍କ ହୃଦୟରେ ଜୀବନ୍ତ ରହିବେ ଲତା।

## ଜୟ ମା ବୀଣାପାଣି

ଦୁଷ୍ମନ୍ତ ବେହେରା (ପାଦପଦ୍ମ)

ହେ ସରସ୍ୱତୀ ମନ ରେ ତୁମେ
ହେ ସରସ୍ୱତୀ ପ୍ରାଣ ରେ ତୁମେ
ହେ ସରସ୍ୱତୀ ମୁଖ ଭାଷାରେ ତୁମେ
ତୁମରି ଆଶିଷରେ ଆଲୋକିତ ହେଲି ।।

ଅନ୍ଧକାର ରୂପକୁ ଦୂର କଲ ତୁମେ
ମୋ ଜ୍ଞାନ ଦୀପ ଆଲୋକ କରି
ଦୁନିଆ ମାଟି ରେ ଦେଲ ପରିଚୟ
କଳ୍ପନା ନେତ୍ରେ ଭରି ଚିତ୍ର ।।

ମା’ ସରସ୍ୱତୀ ତମ ଚରଣ ତଳେ
ମୋ କପାଳ ଥାଉ ଏମିତି ସଦା
ବିଶ୍ୱମାତୃକା ହୃଦୟେ ରଖିବି
ତୋ ନାମ ଜନ ସ୍ମୃତି ମାତୃ ଚିହ୍ନ ।।

ଜାତି ଜନ ପ୍ରାଣ ତ କୂଳେ
ଦେଖିଲି ସ୍ୱାଧୀନ ମନେ
ଛାତି ଶୀରା ଚିରି ଟେକିବି
କପାଳେ ତ ଆଶିଷ ଥିଲେ ।।

ମୁଁ ନୁହଁ କିଛି ତ ବିନା ମା’
ଧୂଳି ସଦୃଶ କ‘ଣା ଟିଏ
ତ ଆଶିଷ ନଥିଲେ ମୁଁ ମୂର୍ଖ
କି ହୋଇଥାନ୍ତି ଜ୍ଞାନୀ ଟିଏ ।।

ମୋ ଭାଷା ଅକ୍ଷର ତ କୃପାରୁ
ରୁଣୁଝୁଣୁ ପାଟଳି ପିନ୍ଧେ
ତ ମହିମା ରୁ ଜଗତ ଚିହ୍ନିଲେ
ଦେଖରେ ଉତ୍କଳ ମାତା ଇଏ ।।

ମନ ଭଗ୍ନଶୀଳାରେ ସାଇତି ରଖିଛି
ମା‘ ଲୋ ତୁମକୁ ଶୀରେ
କେବେ ନ ଭୁଲିବି ତତେ
ରହିବୁ ପ୍ରାଣ ହୃଦୟ ରେ ।।

ଠିକଣା :
ରାସୋଳ-ମୁଣ୍ଡିଆପଷି, ଢେଙ୍କାନାଳ
ମୋ ନଂ-୯୯୩୭୬୫୨୫୦୪

# ଓଡ଼ିଶା - ଶାନ୍ତି ଓ ସାମାଜିକ ସୌହାର୍ଦ୍ଦ୍ୟର ବାର୍ତ୍ତାବହକ

ତପନ ନନ୍ଦ

ବହୁ ପ୍ରାଚୀନକାଳରୁ ଓଡିଶା ଯାହା ଉତ୍କଳ, କଳିଙ୍ଗ ବା ଓଡ୍ର ନାମରେ ନାମିତ, ଶାନ୍ତ ଓ ସୌହାର୍ଦ୍ଦ୍ୟର ଏକ ବାର୍ତ୍ତାବହ ସାଜି ଆସିଛି। ଏଠାରେ ବିଭିନ୍ନ ଧର୍ମ ତଥା ମତ ରଖୁଥିବା ଅନେକ ମହାପୁରୁଷ ଜନ୍ମ ନେଇଛନ୍ତି। ସମ୍ରାଟ ଅଶୋକ କଳିଙ୍ଗକୁ ମଗଧ ସହିତ ମିଶାଇବା ପାଇଁ ଓଡ଼ିଶା ସହିତ ଯୁଦ୍ଧ ମଧ୍ୟ କରିଥିଲେ। କିନ୍ତୁ ଦୟା ନଦୀକୂଳରେ କଳିଙ୍ଗ ଯୁଦ୍ଧର ଭୟାବହତାକୁ ଦେଖି ସେ ଏତେ ମ୍ରିୟମାଣ ହୋଇଯାଇଥିଲେ ଯେ, ବୌଦ୍ଧ ଧର୍ମ ଗ୍ରହଣ କରି ପରବର୍ତ୍ତୀ ସମୟରେ ସମଗ୍ର ବିଶ୍ୱରେ ଶାନ୍ତିର ବାର୍ତ୍ତା ପ୍ରେରଣ କରି ଥିଲେ।

ଓଡିଶାର ଗର୍ବ ଓ ଗୌରବ ମହାମେଘବାହାନ ଖାରବେଳ ତାଙ୍କର ଶାସନ କାଳରେ ସମସ୍ତ ଧର୍ମ ଓ ମତ ରଖୁଥିବା ଲୋକଙ୍କୁ ସମାନ ଦୃଷ୍ଟିରେ ଦେଖୁଥିଲେ। ସେ ନିଜେ ଜୈନ ଧର୍ମାବଲମ୍ବୀ ଥିଲେ ମଧ୍ୟ ବୌଦ୍ଧ ଏବଂ ବ୍ରାହ୍ମଣମାନଙ୍କ ପ୍ରତି ଖୁବ୍ ଦୟାବାନ୍ ଥିଲେ। ଆଜି ମଧ୍ୟ ସମସ୍ତ ଓଡିଆମାନଙ୍କ ବଡ ଠାକୁର ପ୍ରଭୁ ଶ୍ରୀ ଜଗନ୍ନାଥ ଶାନ୍ତି, ସୌହାଦ୍ୟ ଓ ଭାତୃଭାବର ଏକ ନିଦର୍ଶନ। ରଥଯାତ୍ରା ସମୟରେ ତାଙ୍କ ସମସ୍ତ ଭକ୍ତଙ୍କ ଗହଣରେ ପ୍ରଭୁ ଶ୍ରୀ ଜଗନ୍ନାଥ ଯେତେବେଳେ ବଡଦାଣ୍ଡରେ ଯାଆନ୍ତି, ସେତେବେଳେ ମନେହୁଏ, ଯେ ସବୁ ଧର୍ମ, ବର୍ଣ୍ଣ, ଜାତି ସେହି ଜନସମୁଦ୍ରରେ ଲୀନ ହୋଇ ସମସ୍ତେ ଏକାକାର ହୋଇ ଯାଇଛନ୍ତି। କୁହାଯାଏ ତାଙ୍କର ମୁସଲମାନ୍ ଭକ୍ତ ସାଲବେଗଙ୍କୁ ଭଲ ଭାବେ ଦେଖି ଆର୍ଶୀବାଦ ଦେବାପାଇଁ ଜଗନ୍ନାଥଙ୍କ ରଥ ସେହି ବଡ଼ଦାଣ୍ଡରେ ଅଟକି ଯାଇଥିଲା। ସାଲବେଗଙ୍କ ଭକ୍ତିରେ ସ୍ୱୟଂ ଜଗନ୍ନାଥ କିଂ କର୍ତ୍ତବ୍ୟ ବିମୁଢ଼ ହୋଇ ଯାଇଥିଲେ। ସେହିଭଳି ଗତବର୍ଷ କୋଭିଡ କଟକଣାଉପରେ ଅନିଶ୍ଚିତତା ଦେଖା ଦେଇଥିଲା। ଅନେକ ସାମାଜିକ ସଂଗଠନ ମାନଙ୍କ ସମେତ ନୟାଗଡ଼ ଜିଲ୍ଲାର ଆଫତାବ ହୁସେନ ନାମକ ଜଣେ ମୁସଲିମ ଯୁବକ ରଥଯାତ୍ରା ପାଇଁ ଅନୁମତି ଦେବା ପାଇଁ ସୁପ୍ରିମ କୋର୍ଟରେ ପିଟିସନ୍ ଦାଖଲ କରି ଥିଲେ ଓ ଏଥିପାଇଁ ତାଙ୍କୁ ସାମାଜିକ ଗଣମାଧମରେ ଦ୍ୱିତୀୟ ସାଲବେଗର ଆଖ୍ୟା ଦିଆଯାଇ ପ୍ରଶଂସା କରାଯାଇଥିଲା।

ଶାନ୍ତି ଓ ଭାଇଚାରାର ଏହିପରି ଅନେକ ନିଦର୍ଶନ ଓଡ଼ିଶାର ବିଭିନ୍ନ ସ୍ଥାନରେ ଦେଖିବାକୁ ମିଳେ। ଖୋର୍ଦ୍ଧା ଜିଲ୍ଲା କାଇପଦର ଠାରେ ଥିବା ବୋଖାରିବାବା ଅଥବା ସତ୍ୟପୀର ପୀଠ ଏପରି ଏକ ଶାନ୍ତିପୂର୍ଣ୍ଣ ସହାବସ୍ଥାନର ଏକ ଜ୍ୱଳନ୍ତ ଉଦାହରଣ। ଏଠାରେ ପୀରବାବାଙ୍କ ପୂଜାର୍ଚ୍ଚନାରେ ଉଭୟ ହିନ୍ଦୁ ଓ ମୁସଲମାନ୍ ଭାଗ ନେଇଥାଆନ୍ତି। ଗଡ଼ଖାଇ ଓ ପାଖରେ ପୀଇବାବାଙ୍କ ପ୍ରସାଦ ଓ ଫୁଲମାଳ ଇତ୍ୟାଦି ହିନ୍ଦୁମାନଙ୍କ ଦ୍ୱାରା ପ୍ରସ୍ତୁତ ହୋଇଥାଏ। ଶୁଣିଲେ ଆଶ୍ଚର୍ଯ୍ୟ ଲାଗେ ପ୍ରତିବର୍ଷ ପ୍ରବୀତ୍ର ରମ୍‌ଜାନ୍ ମାସର କେତେକ ନିର୍ଦ୍ଦିଷ୍ଟ ଦିନରେ ହିନ୍ଦୁମାନେ ସେଠାରେ ସତ୍ୟନାରାୟଣ ପାଲାର ଆୟୋଜନ କରିଥାନ୍ତି ଓ ମୁସଲମାନ ମାନେ କୋଲାର ପାଠ କରିଥାନ୍ତି। ସେହିପରି କଟକର ବକ୍ସିବଜାର ସ୍ଥିତ ସାଇବାବା, ଚାନ୍ଦନୀଚୌକ୍ ସ୍ଥିତ ଶିଶୁଭବନ ପ୍ରାଙ୍ଗଣରେ ଥିବା ବୋଖାରୀ ବାବାଙ୍କ ଆଶ୍ଚର୍ଯ୍ୟଜନକ ଭାବରେ ହିନ୍ଦୁ ଭକ୍ତମାନଙ୍କର ଅଧିକ ଭିଡ ଦେଖିବାକୁ ମିଳେ। କଟକର ଏହି ସବୁ ସ୍ଥାନ ମାନଙ୍କରେ ହିନ୍ଦୁ ଓ ମୁସମାନ୍ ଭକ୍ତମାନେ ତାଙ୍କର ଗୁହାରୀ ଓ ଦୁଃଖ ଜଣାନ୍ତି ଏବଂ ଏପରି ମାନ୍ୟତା ଅଛି ଯେ, ଏଠାରେ ଭକ୍ତମାନଙ୍କ ସମସ୍ତ ମାନସିକ ପୂରଣ ହୋଇଥାଏ। ସେହିପରି ସମ୍ବଲପୁର ଜିଲ୍ଲାର ମୋଦିପଡା ଠାରେ ଏକ ହିନ୍ଦୁ ପଢିଆରୀ ପରିବାର ଦୀର୍ଘ ତିନି ଶହ ପଚାଶ ବର୍ଷ ଧରି ମୁସଲମାନଙ୍କ ପର୍ବ ମହରମ ପାଳନ କରି ଆସୁଛନ୍ତି। ଏହି ପର୍ବ ଅବସରରେ ସେମାନେ ଇମାମ ହୁସେନଙ୍କର ଏକ ତାଳିଆ ବହାର କରନ୍ତି ଏବଂ ଏହି ତାଳିଆ ଶୋଭା ଯାତ୍ରାରେ ଉଭୟ ହିନ୍ଦୁ ଓ ମୁସଲମାନ ମାନେ ଭାଗ ନିଅନ୍ତି। କୁହାଯାଏ ଯେ ୧୬୭୪ ମସିହାର ଜୟଦେବ ପଢିଆରୀ ସମ୍ବଲପୁର ରାଜା ଛତ୍ର ସାଏଙ୍କ ଠାରୁ ଆଜ୍ଞା ନେଇ ଏହି ପ୍ରଥା ଆରମ୍ଭ କରିଥିଲେ। ଏବଂ ଆଜି ମନ୍ତ୍ରୀ ତାଙ୍କ ବଂଶ ମାନେ ଏହି ନୂଆ ପାଳନ କରିଆସୁଛନ୍ତି। ଏହି ପରି ଅନେକ ଦୃଷ୍ଟିରୁ ଆମେ ଜାଣିପାରିବା ଯେ ଆମ ରାଜ୍ୟ ଶାନ୍ତି, ସୌହାର୍ଦ୍ଦ୍ୟ ଓ ଭାଇଚାରାର ବାର୍ତ୍ତାବହକ ଅଟେ। କିନ୍ତୁ ସଂପ୍ରତିକ ପରିସ୍ଥିତରେ ସେମାନେ ଜାଣି ରଖିବା ଉଚିତ ଯେ ଆମମାନଙ୍କ ମଧ୍ୟରେ ଦେଶାତ୍ମବୋଧର ଭାବନା ଏହି ପରି ସଂକୀର୍ଣ୍ଣ ମାନସିକତାରୁ ଉର୍ଦ୍ଧ୍ୱରେ। କାରଣ ଇତିହାସରୁ କେତକ ନ୍ୟସ୍ତସ୍ୱାର୍ଥ ବ୍ୟକ୍ତି ତଥା ସଂଗଠନ ଦେଶ ଓ ସମାଜକୁ ଜାତି ଧର୍ମ ଆଧାରରେ ବିଭାଜିତ କରି ଦୁର୍ବଳ କରିବା ପାଇଁ ଚେଷ୍ଟା କରୁଛନ୍ତି। ହେଲେ ଗୋଟିଏ କଥା ସ୍ପଷ୍ଟ ଯେ, ଆମ ଭିତରେ ଏକତା ଥରେ କୌଣସି ବାହ୍ୟ ଓ ଆନ୍ତରିକ ଶନ୍ଦ ଆମର କିଛି କ୍ଷତି କରିପାରିବେ ନାହିଁ।

ଠିକଣା : କେନ୍ଦ୍ରପଡ଼ା ଟାଉନ, କେନ୍ଦ୍ରାପଡ଼ା

# ଉତ୍କଳ ଗୌରବ ‘ମଧୁ ସୂଦନ’

ପ୍ରତାପ ଚନ୍ଦ୍ର ସାହୁ



ଯିଏ ଦେଶର ଉପକାର କରେ, ଅନ୍ୟର ଉପକାର କରେ, ଜାତିର ସ୍ୱାର୍ଥ ପାଇଁ ପ୍ରାଣ ବଳି ଦେଇ ଥାଏ, ନିଜର ସୁଖ ଶାନ୍ତିକୁ ଜଳାଞ୍ଜଳି ଦେଇ ଅନ୍ୟର ସୁଖ ସୁବିଧା ଆଗ ଦେଖିଥାଏ, ତାଙ୍କୁ ସମସ୍ତେ ମନେ ରଖନ୍ତି। ସେ ଚିର ଦିନ ପାଇଁ ସମସ୍ତଙ୍କ ହୃଦୟରେ ଜୀବିତ ଥାଆନ୍ତି, ସେ ଆଉ କିଏ ନୁହନ୍ତି ,ସେ ହେଉଛନ୍ତି ‘ମଧୁ ବାବୁ’ ଯେ କି ମଣିଷ ଭିତରେ ଦେବତାର ଆସନ ଲାଭ କରିଥିଲେ। ମଧୁ ବାରିଷ୍ଟର ଭାବେ ଘରେ ଘରେ ପରିଚିତ ଥିଲେ ସେ। ଏପରିକି ଆଜି ମଧ୍ୟ ପିଲାମାନେ କହନ୍ତି କାଳିଆଘୋଡ଼ା ଚଢ଼ିବି ମଧୁବାବୁ ସଂଗେ ଲଢ଼ିବି। ଅର୍ଥାତ ମଧୁବାବୁ ପ୍ରତିଟି ଓଡ଼ିଆଙ୍କ ପାଇଁ ପ୍ରେରଣାର ଉତ୍ସ ଏଥିରେ ଦ୍ୱିମତ ହେବାର ନାହିଁ। ଓଡିଶା କିଛି ଅଂଶ ବଙ୍ଗ ଓ ବିହାର ରେ ମିଶି କରିଥିଲା । ସେଇ ଅଞ୍ଚଳରେ ଓଡ଼ିଆ ଭାଷା ନଶିଖି ବଙ୍ଗଳା ଓ ହିନ୍ଦୀ, ତେଲୁଗୁ ଶିଖିବାକୁ ପଡୁଥିଲା। ମଧୁ ବାବୁ ବିଚାର କଲେ, ପ୍ରଥମେ ଓଡ଼ିଆମାନଙ୍କୁ ଏକତ୍ରିତ କରିବେ ତାପରେ ଓଡିଶାକୁ ଏକ ସ୍ୱତନ୍ତ୍ର ପ୍ରଦେଶ ଗଠନ କରିବେ। ସେଥିପାଇଁ ‘ଉତ୍କଳ ସମ୍ମିଳନୀ’ ଗଠନ ହେଲା। ସମ୍ବଲପୁର ସେତେବେଳେ ମଧ୍ୟ ପ୍ରଦେଶ ସହ ମିଶିକରି ଥିଲା। ସେଇ ସମୟର ବଡଲାଟ ଲଡ୍ କର୍ଜନ୍, ମଧୁ ବାବୁଙ୍କୁ ସାହାଯ୍ୟ କଲେ, ସମ୍ବଲପୁର୍ ଓଡିଶାରେ ମିଶିଲା। ଓଡିଶାକୁ ଏକ ସ୍ୱତନ୍ତ୍ର ପ୍ରଦେଶ ଗଠନ କରିବାକୁ ପ୍ରାଣପଣ ଉଦ୍ୟମ କରିବାକୁ ପଡିଥିଲା। ସେଥି ପାଇଁ ଅନେକ ଅସୁବିଧାର ସମ୍ମୁଖୀନ ହେବାକୁ ପଡିଥିଲା। ହେଲେ ତାଙ୍କର ଦୃଢ଼ ମନୋବଳ ଯୋଗୁଁ ଆଜିର ସ୍ୱତନ୍ତ୍ର ଓଡିଶା ପ୍ରଦେଶ ତାଙ୍କର ପ୍ରତିଷ୍ଠିତ ‘ଉତ୍କଳ ସମ୍ମିଳନୀର ଫଳ’।

୧୮୪୮ ମସିହା ଏପ୍ରିଲ୍ ୨୮ ତାରିଖ ରେ କଟକ ସତ୍ୟ ଭାମାପୁର୍ ଗାଁ ରେ ମଧୁ ବାବୁଙ୍କର ଜନ୍ମ। ତାଙ୍କର ପିତା ଚୌଧୁରୀ ରଘୁନାଥ ଦାସ ଓ ମାତା ହେଲେ ପାର୍ବତୀ ଦେବୀ। ପିତା ମାତା ତାଙ୍କ ନାଁ ରଖିଥିଲେ ‘ଗୋବିନ୍ଦ ବଲ୍ଲଭ୍’। ଗାଁ ଚାଟଶାଳିରେ ପ୍ରାଥମିକ ଶିକ୍ଷା ସାରି କଟକ ଚାଲି ଆସିଲେ, ଇଂରେଜ୍ ସ୍କୁଲରେ ନାମ ଲେଖାଇଲେ। ଏବେ ଯାହା ହାଇସ୍କୁଲ ସାର୍ଟିଫିକେଟ କହୁ ତାହା ସେତେ ବେଳେ ଏଣ୍ଟ୍ରାନ୍ସ ପରୀକ୍ଷା ଥିଲା। ସେଥିରେ ସେ କୃତ କାର୍ଯ୍ୟ ହେଲେ। ସ୍କୁଲରେ ନାଁ ଲେଖାଇବାବେଳେ ‘ମଧୁ ସୁଦନ୍ ଦାସ’ ଭାବେ ନାଁ ଲେଖା ଯାଇଥିଲା। ସେଇ ସମୟରେ ବାଲେଶ୍ୱରରେ କିରାଣୀ ଚାକିରି ଟିଏ ପାଇଲେ। ଆହୁରି ଅଧିକ ପଢିବା ପାଇଁ ଇଚ୍ଛୁକ୍ ଥିବା ମଧୁ ବାବୁ ଚାକିରିରୁ କିଛି ସଞ୍ଚୟ କରି କଲିକତା ଗଲେ। ସେଇଠି ଅମ୍ବିକା ପ୍ରସାଦଙ୍କ ସହାୟତାରେ ଇଂରାଜୀ ସାହିତ୍ୟରେ ଏମଏ ପାସ କଲେ। ପରେ କଲିକତାରେ ଶିକ୍ଷକତା କଲେ। ପରେ ଶ୍ରୀ ରାମପୁର କଲେଜରେ ଅଧାପକ ଭାବେ ଯୋଗ ଦେଲେ। ଇତି ମଧ୍ୟରେ ସେ କଲିକତା ବିଶ୍ୱ ବିଦ୍ୟାଳୟରୁ ବିଏଲ ଡିଗ୍ରୀ ହାସଲ କରିନେଲେ। ତତ୍କାଳିନ୍ କଲିକତା ହାଇକୋର୍ଟର ମୁଖ୍ୟ ବିଚାରପତି ନ୍ୟାୟାଧୀଶ ଆସୁତୋଷ ଜିଙ୍କ ଘରେ ଟ୍ୟୁସନ୍ କରୁଥିଲେ ମଧୁବାବୁ। କଲିକତାରେ ରହୁଥିବା ଓଡ଼ିଆ ମାନଙ୍କ ପାଇଁ ନୈଶ ବିଦ୍ୟାଳୟ ସ୍ଥାପନ କରିଥିଲେ ସେ। କଲିକତାରୁ ଫେରି କଟକରେ ଓକିଲାତି କଲେ। ୧୯୨୧ମସିହାରେ ମଧୁ ବାବୁ ବିହାର - ଓଡିଶାର ମନ୍ତ୍ରୀ ଭାବେ ନିର୍ବାଚିତ ହେଲେ। ମନ୍ତ୍ରୀମାନଙ୍କୁ ଦିଆ ଯାଉଥିବା ଦରମା ନେଇ ସେ ବିରୋଧ କରିଥିଲେ। ସରକାର କିନ୍ତୁ ତାଙ୍କ କଥାରେ ଏକମତ ହୋଇ ନଥିଲେ,ଏଣୁ ତାଙ୍କୁ ମନ୍ତ୍ରୀ ପଦରୁ ଇସ୍ତଫା ଦେବାକୁ ପଡିଥିଲା। କଟକରେ ଚମକୁ ଥିବା ତରକସି କାମ, ତାଙ୍କରି ପ୍ରଚେଷ୍ଟାର ଫଳ। ଓଡିଶାରେ ଏକ ଜୋତା କାରଖାନା ବି ପ୍ରତିଷ୍ଠା କରିଥିଲେ ସେ। ମଧୁ ବାବୁ ଥିଲେ ଜଣେ ସୁ- ବକ୍ତା। ସଭା ସମିତିରେ ଘଣ୍ଟା ଘଣ୍ଟା ଧରି ଅନର୍ଗଳ ଭାଷଣ ରଖି ପାରନ୍ତି। ସେ ଥିଲେ ନିସ୍ୱାର୍ଥ ପର ଦେଶସେବୀ। ଯାହା କହୁଥିଲେ ତାହାକୁ କାର୍ଯ୍ୟରେ ପରିଣତ କରୁଥିଲେ। ତାଙ୍କର ଆଶା ସଫଳ ହେଲା, ଓଡିଶା ଏକ ସ୍ୱତନ୍ତ୍ର ପ୍ରଦେଶର ମାନ୍ୟତା ପାଇଲା, କିନ୍ତୁ ଦୁଃଖର ବିଷୟ, ଓଡିଶା ପ୍ରଦେଶ କାର୍ଯ୍ୟ କାରି ହୋଇ ନଥାଏ ଏମିତି ସମୟରେ ଅର୍ଥାତ ୧୯୩୪ ମସିହା ଫେବୃଆରୀ ୪ ତାରିଖରେ ସେ ଇହଲୀଳା ସମ୍ବରଣକଲେ। ଯାହା ବିଧିର ବିଧାନ। କିନ୍ତୁ କୋଟି କୋଟି ଓଡ଼ିଆଙ୍କ ହୃଦୟରେ ସେ ରହିଛନ୍ତି, ରହିଥିବେ ମଧ୍ୟ ସେହି ମଧୁବାବୁ ହୋଇ। ତାଙ୍କର ଶ୍ରାଦ୍ଧଦିବସ ଅବସରରେ ଏହି ଉତ୍କଳ ମାଟିରୁ ଶତତ ପ୍ରଣାମ।

• • • • • • • • • •

ଠିକଣା :
ନବରଙ୍ଗପୁର,
ମୋବାଇଲ ନମ୍ବର -୯୪୩୭୭୮୮୮୬୦




# କଟକରେ କଟକଣାକୁ ଫୁ : ବେଧଡ଼କରେ ଚାଲିଛି ଗୁଡ଼ିଉଡ଼ା



**କଟକ(ଏନ୍.ଏମ୍.) :** କଟକ ସହରରେ ଗୁଡ଼ି ଉଡାଇବା ଉପରେ ପ୍ରଶାସନିକ କଟକଣା ଲାଗିଥିବାବେଳେ ଏସବୁ ଧୁଆଁବାଣ ସାବ୍ୟସ୍ତ ହୋଇଛି । ରାସ୍ତାକଡ଼ରେ ଗୁଡ଼ି ଉଡ଼ାଇବା ଦ୍ୱାରା ବହୁ ଦୁର୍ଘଟଣା ହେବାସହ ବେକରେ ସୁତା ଗୁଡ଼ାଇ ହୋଇ ଏକାଧିକ ବ୍ୟକ୍ତିଙ୍କ ପ୍ରାଣ ହାନି ମଧ୍ୟ ଘଟିଛି । ତଥାପି ଗୁଡ଼ି ଉଡାଳିଙ୍କ ଚେତାପଶୁନି । କଟକ ସହରର ବିଭିନ୍ନ ସ୍ଥାନରେ ପ୍ରବଳ ଗୁଡ଼ି ଉଡୁଥିବା ଦେଖିବାକୁ ମିଳିଛି । ଏପରିକି କାଠଯୋଡ଼ି ରିଂ ବନ୍ଧରେ ଥିବା ବିଦ୍ୟୁତ ଖୁଣ୍ଟ ଓ ଗଛମାନଙ୍କରେ ମଧ୍ୟ ସୂତା ସହ ଛିଡ଼ିଯାଇଥିବାଗୁଡ଼ି ଝୁଲୁଥିବା ଦେଖିବାକୁ ଲାଗିଛି । ଫଳରେ ଅଳ୍ପ ପବନ ଦେଲେ ସୂତା ରାସ୍ତା ଉପରକୁ ଆସୁଥିବା ଯୋଗୁଁ ବହୁ ବାଇକ ଆରୋହୀ ସାଇକେଲ ଆରୋହୀ ଦୁର୍ଘଟଣାର ଶିକାର ହେଉଛନ୍ତି । ତେଣୁ ପ୍ରଶାସନିକ କଟକଣା ସତ୍ତ୍ୱେ କଟକ ସହରରେ ଗୁଡ଼ି ଉଡା ବନ୍ଦ ନହେବା ପ୍ରଶାସନର କାର୍ଯ୍ୟ ଦକ୍ଷତା ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ତେବେ ଆଜି ରିଂବନ୍ଧରେ ଗୁଡ଼ି ସୂତା ଝୁଲୁଥିବାବେଳେ ୨ଜଣ ବାଇକ ଆରୋହୀ ସାମାନ୍ୟ ଆହତ ହୋଇଥିଲେ । ଉପସ୍ଥିତ ବୁଦ୍ଧି ଯୋଗୁଁ ଉଭୟେ ଅଳ୍ପକେ ବର୍ତ୍ତୀ ଯାଇଥିଲେ । ଏହି ସମୟରେ ସେହିରାସ୍ତା ଦେଇ ସମାଜସେବୀ ପ୍ରକାଶ ବେଉରା ଓ ଅମ୍ରିତ ଦାସ ଯାଉଥିବାବେଳେ ଏଭଳି ଘଟଣା ଦେଖି ସ୍ଥାନୀୟ ପୁରୀଘାଟ ଥାନା ଅଧିକାରୀଙ୍କୁ ଅବଗତ ଗରାଇଥିଲେ । ଥାନା ପକ୍ଷରୁ ସୂଚନା ପାଇ ଦମକଳ ବିଭାଗ କର୍ମଚାରୀମାନେ ଘଟଣାସ୍ଥଳରେ ପହଞ୍ଚି କଟିଯାଇଥିବା ଗୁଡ଼ିଗୁଡ଼ିକୁ ହଟାଇବା ପରେ ଜନସାଧାରଣ ଆଶ୍ୱସ୍ତିଲାଭ କରିଛନ୍ତି । ତେବେ ଗୁଡ଼ି ଉଡ଼ା ଉପରେ ଯଦି ସ୍ଥାନୀୟ ଲୋକେ ମଧ୍ୟ ବିରୋଧ କରନ୍ତେ ତେବେ ବହୁ ଜୀବନ ରକ୍ଷା ପାଇ ପାରନ୍ତା ବୋଲି ଶ୍ରୀ ବେଉରା ଓ ଶ୍ରୀ ଦାସ ସୂଚନା ଦେଇଛନ୍ତି ।

# ନିଖିଳ ଓଡିଶା ସ୍ୱଚ୍ଛସାଥି ଓ ଜଳସାଥିମାନଙ୍କ ମହାସଂଘ ଗଠନ



**କଟକ(ଏନ୍.ଏମ୍.) :** ସ୍ଥାନୀୟ ଟାଉନ ହଲ ଠାରେ କଟକ ମହାନଗର ନିଗମର ସମସ୍ତ ସ୍ୱଚ୍ଛ ସାଥି ଓ ଜଳ ସାଥିମାନଙ୍କୁ ନେଇ ଏ ବୈଠକ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକକୁ ଅନ୍ନପୂର୍ଣ୍ଣା ସ୍ୱାଇଁ ସଭାପତିତ୍ୱ କରିଥିବା ବେଳେ, କଟକ ମହାନଗର ନିଗମରୁ ଆସିଥିବା ସ୍ୱଚ୍ଛ ସାଥୀମାନଙ୍କ ମଧ୍ୟରୁ ସୁଶ୍ରୀ ସଂଗୀତା ବେହେରା, ସଂଘମିତ୍ରା ମହାନ୍ତି, କାବେରୀ ବସ୍ତିଆ, ଲୋପାମୁଦ୍ରା ସିଂହ, ସବିତା ସାହୁ, ମଞ୍ଜୁଶ୍ରୀ ମିଶ୍ର ପ୍ରମୁଖ ତାଙ୍କ ଅଭିଭାଷଣରେ ତାଙ୍କର ଅସୁବିଧା କଥା ବର୍ଣ୍ଣନା କରିଥିଲେ । ପୁନଶ୍ଚ ଜଳସାଥିମାନଙ୍କ ମଧ୍ୟରୁ ପ୍ରଭାତୀ ମୁଦୁଲି, ସୋମା କର୍ମକାର, ସବିତା ଦତ୍ତ, ରୀତିକା ରାଉତ, ସସ୍ମିତା ନାୟକ ପ୍ରମୁଖ ତାଙ୍କର ଅଭିଭାଷଣ ପ୍ରଦାନ କରିଥିଲେ ।

ଉକ୍ତ ବୈଠକରେ ମୁଖ୍ୟଅତିଥି ଭାବେ ରାଜ୍ୟ ସଭା ସାଂସଦ ସୁବାଷ ସିଂହ ଯୋଗଦାନ କରିବା ସହିତ ଜୀବନ ବିନ୍ଦୁ ସଂଯୋଜକ ରଞ୍ଜନ କୁମାର ବିଶ୍ୱାଳ, କଟକ ମହାନଗର ବିଜୁ ଜନତା ଦଳର ସଭାପତି ମଧୁସୂଦନ ସାହୁ, ବିଜୁ ଶ୍ରମିକ ସାମ୍ମୁଖ୍ୟର ରାଜ୍ୟ ସମ୍ପାଦକ ରାଜୀବ ମହାନ୍ତି ପ୍ରମୁଖ ଯୋଗଦେଇ ମହାମାରୀ ସମୟରେ କଟକର ସମସ୍ତ ୱାର୍ଡରେ ଥିବା ସ୍ୱଚ୍ଛସାଥୀ ଓ ଜଳସାଥୀମାନେ ଯେପରି ନିଜ ଜୀବନକୁ ବାଜି ଲଗେଇ ଯେପରି ଭାବରେ ଲୋକମାନଙ୍କ ନିକଟକୁ ଯାଇ ତାଙ୍କୁ ସାହାଯ୍ୟ କରିଛନ୍ତି ତାହା ପ୍ରଶଂସାର ପାତ୍ର ଅଟନ୍ତି । ମୁଖ୍ୟଅତିଥି ସାଂସଦ ଶ୍ରୀ ସିଂହ ଓଡ଼ିଶାର ସମସ୍ତ ସ୍ୱଚ୍ଛସାଥୀ ଓ ଜଳସାଥୀମାନଙ୍କର କିପରି ଆଗାମୀ ଦିନରେ ତାଙ୍କର ପାରିଶ୍ରମିକ ବୃଦ୍ଧି ହେବା ସହିତ ତାଙ୍କୁ କିପରି ଉପଯୁକ୍ତ ସମ୍ମାନ ମିଳିବ ସେ ଦିଗରେ ସେ ଚେଷ୍ଟା କରିବେ ବୋଲି କହିଥିଲେ । ଏହି ଅବସରରେ ଆଜି ସ୍ୱଚ୍ଛସାଥୀମାନଙ୍କର ଗୋଟିଏ କମିଟି ଗଠନ କରାଗଲା ଏବଂ ଅତିଶିଘ୍ର ଓଡ଼ିଶା ସ୍ୱଚ୍ଛ ସାଥୀ ମହାସଂଘ ଗଠନ କରାଯିବ ବୋଲି ଘୋଷଣା କରାଗଲା । କାର୍ଯ୍ୟକ୍ରମକୁ ପ୍ରଦୀପ ବାରିକ, ମିହିର ସାହୁ, ସୁବୋଧ ସେଠୀ, କାଳୀଚରଣ ପାଣିଗ୍ରାହୀ ପ୍ରମୁଖ ପରିଚାଳନା କରିଥିଲେ । ଯୁବ ନେତା ଜଗନ୍ନାଥ ସ୍ୱାଇଁ ଧନ୍ୟବାଦ ଦେଇଥିଲେ ।

# ଏମାର ମଠରୁ ଆହୁରି ମିଳିପାରେ ଗୁପ୍ତଧନ : ପୁଣି ଖୋଳା ଆରମ୍ଭ

**ପୁରୀ(ଏନ୍.ଏମ୍.) :** ଏମାର ମଠରୁ ବହୁ ମୂଲ୍ୟବାନ ସାମଗ୍ରୀ ଉଦ୍ଧାର ହେବା ପରେ ସେଠାରେ ଆହୁରି ଗୁପ୍ତଧନ ରହିଥିବା ଅନୁମାନ କରାଯାଉଛି । ଏହି ପରିପ୍ରେକ୍ଷୀରେ ପ୍ରଶାସନ ପକ୍ଷରୁ ପୁରୀର ବହୁ ପୁରାତନ ତଥା ଧନୀ ମଠରୁ ଅନ୍ୟତମ ଏମାର ମଠ ଖୋଳା କାର୍ଯ୍ୟ ଆରମ୍ଭ ହୋଇଛି । ମାଟିତଳେ ଗୁପ୍ତଧନ ଥିବା ଅନୁମାନ କରାଯାଇ ପୁଣି ଥରେ ହଜାର ବର୍ଷ ତଳର ଏହି ମଠକୁ ଖୋଳାଯାଉଛି । ଗତ ସେପ୍ଟମ୍ବର ୧୬ତାରିଖରେ ଯାଞ୍ଚ କରାଯାଇ ତିନୋଟି ସ୍ଥାନ ଚିହ୍ନଟ କରାଯାଇଥିଲା । ସେତେବେଳେ ଯେଉଁ ମେଟାଲ୍ ଡିଟେକ୍ଟରରେ ପରୀକ୍ଷା ହୋଇଥିଲା, ତାହା ସେତେ ଶକ୍ତିଶାଳୀ ନଥିଲା । ଫଳରେ ଧାତୁର ଅବସ୍ଥିତି ନେଇ ସଠିକ୍ ଜଣାପଡି ନ ଥିଲା ତେଣୁ ପୁନର୍ବାର ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ ଜିଲ୍ଲା ପ୍ରଶାସନ ଅଧିକାରୀ, ଶ୍ରୀମନ୍ଦିର ପ୍ରଶାସନ ଅଧିକାରୀ ଓ ଏଣ୍ଡାଉମେଣ୍ଟ ଅଧିକାରୀଙ୍କ ସହ ନୂତନ ଟ୍ରଷ୍ଟ ବୋର୍ଡଙ୍କ ଉପସ୍ଥିତିରେ ଯାଞ୍ଚ ଆରମ୍ଭ ହୋଇଛି ।

ଏହି ପରିପ୍ରେକ୍ଷୀରେ ମଠର ପ୍ରବେଶ ପଥକୁ ଯାଞ୍ଚ କରାଯାଇ ତାହାକୁ ଖୋଳା ଯାଇଛି । ମଧ୍ୟାହ୍ନ ସୁଦ୍ଧା ଖୋଳାଖୋଳି ହେଉଥିବା ଅଞ୍ଚଳରୁ ଖଣ୍ଡେ ଲୁହା ମିଳିଥିବା ବେଳେ ଆଉ କିଛି ମିଳି ନଥିବା ଜଣାଯାଇଛି । ସୂଚନା ଅନୁଯାୟୀ, ଗତ ୨୦୧୧ମସିହାରେ ମଠରୁ ୫୨୨ଖଣ୍ଡ ରୂପାଇଟା ବାହାରିଥିବା ବେଳେ ତାହାକୁ ଜିଲ୍ଲା ଆରମୋରୀରେ ସୁରକ୍ଷା ବ୍ୟବସ୍ଥାରେ ରଖାଯାଇଛି । ସେବେ ଠାରୁ ରୂପା ଇଟାକୁ ନେଇ ମାମଲା କୋର୍ଟରେ ବିଚରାଧୀନ ରହିଛି । ଏହାପରେ ଏପ୍ରିଲ ୨୦୨୧ରେ



ଏହି ବିତ୍ତଶାଳୀ ମଠକୁ ଖୋଳାଯାଇଥିବା ବେଳେ ସେଥିରୁ ୪୫ ଖଣ୍ଡ ରୂପାଇଟା ବାହାରିଥିଲା । ଉକ୍ତ ରୁପା ଇଟାଗୁଡ଼ିକ ଏବେ ଟ୍ରଷ୍ଟ ବୋର୍ଡ ଅଧୀନରେ ଥିବାବେଳେ ତାହାକୁ ଜିଲ୍ଲା ଟ୍ରେଜରୀରେ ସୁରକ୍ଷିତ ଭାବେ ରଖାଯାଇଛି । ଏହା ସହ ଏକ ସିନ୍ଦୁକରୁ ବହୁ ମୂଲ୍ୟର ସମ୍ପତ୍ତି ରୂପା ତାରକଶି ସାମଗ୍ରୀ, ରୂପା ଗଛ, ରୁପା ଫୁଲଦାନୀ, ବ୍ରୋଞ୍ଜ ଗାଈ ବାଛୁରୀ ଓ ୧୬ଟି ଖଣ୍ଡା ଉଦ୍ଧାର କରାଯାଇଥିଲା । ତାହାକୁ ମଧ୍ୟ ସୁରକ୍ଷିତ ଭାବେ ରଖାଯାଇଛି । ପୂର୍ବରୁ ଏମାର ମଠ ଖୋଳାଯାଇ ବହୁ ମୂଲ୍ୟର ସମ୍ପତ୍ତି ଉଦ୍ଧାର କରାଯାଇଥିବା ବେଳେ ଏଠାରୁ ଅଧିକ କିଛି ମିଳିବ ବୋଲି ପ୍ରଶାସନ ପକ୍ଷରୁ ଆଶା କରାଯାଉଛି । ତେବେ ଏ ନେଇ ପୁରୀ ଜିଲ୍ଲାପାଳ ମୁହଁ ଖୋଲି ନାହାନ୍ତି ।

## ଅନ୍ଦରପୁର ସରକାରୀ ଗୃହ ବେଆଇନ ବିକ୍ରି ଘଟଣା

# ୧୪ଲକ୍ଷ ୯୦ହଜାର ଟଙ୍କା ଜବତ ଜଣେ ଗିରଫ





**କଟକ (ଏନ୍.ଏମ୍.) :** କଟକ ମହାନଗର ନିଗମ ଅନ୍ତର୍ଗତ ୫୩ ନମ୍ବର ୱାର୍ଡ଼ରେ ଗରିବ ବସ୍ତିବାସିନ୍ଦାଙ୍କ ପାଇଁ ସରକାରଙ୍କ ପକ୍ଷରୁ ନିର୍ମାଣ ହୋଇଥିବା ଘରକୁ ବେଆଇନ ଭାବେ ବିକ୍ରି କରିବା ଘଟଣା ସହରରେ ଚର୍ଚ୍ଚା ହୋଇଥିବାବେଳେ ଠକାମୀର ଶିକାର ହୋଇଥିବା ବ୍ୟକ୍ତିମାନେ ଏହି ଘଟଣାକୁ ନେଇ ବିଭିନ୍ନ ଥାନାରେ ଅଭିଯୋଗ କରିଛନ୍ତି । ଫଳରେ ପୁଲିସ ଅଭିଯୁକ୍ତକୁ ଗରିଫ କରିବା ସହ ତା' ଠାରୁ ୧୪ଲକ୍ଷ ୯୦ହଜାର ଟଙ୍କା ସହ କିଛି ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର ମଧ୍ୟ ଜବତ କରିଛି । ତେବେ ଏ ନେଇ ମଧୁପାଟଣା ଓ ଜଗତପୁର ଥାନାରେ ମଧ୍ୟ ପୃଥକପୃଥକ ମାମଲା ହୋଇଥିବା ଜଣାପଡ଼ିଛି ।

ସୂଚନା ଅନୁଯାୟୀ, ଅନ୍ଦରପୁର ଠାରେ ସରକାରଙ୍କ ପକ୍ଷରୁ ବସ୍ତିବାସିନ୍ଦାଙ୍କୁ ସ୍ଥାୟୀ ବାସଗୃହ ଯୋଗାଇ ଦେବା ପାଇଁ ସମନ୍ୱିତ ଆବାସ ଯୋଜନାରେ ଗୃହ ନିର୍ମାଣ କରାଯାଇଥିଲା । ୪ଟି ଫ୍ଲାଟରେ ୧୯୨ଟି ବାସଗୃହ ନିର୍ମାଣ ହୋଇଥିବାବେଳେ ସେଥିମଧ୍ୟରୁ ୬୯ଜଣ ହିତାଧିକାରୀଙ୍କୁ ଉକ୍ତ ଗୃହ ଆବଣ୍ଟନ ହୋଇଥିଲା । ତେବେ ଏ ନେଇ ନ୍ୟାୟାଳୟରେ ମାମଲା ହେବା ପରେ ନ୍ୟାୟାଳୟ ଗୃହ ଆବଣ୍ଟନ ଉପରେ ରହିତାଦେଶ ଲଗାଇଥିଲେ । ଫଳରେ ସିଏମସି ଅନ୍ୟ ହିତାଧିକାରୀଙ୍କୁ ଆଉ ଗୃହ ଆବଣ୍ଟନ କରିପାରିନଥିଲା । ମାତ୍ର ଏହାର ସୁଯୋଗ ନେଇ ସ୍ଥାନୀୟ ମଧୁପାଟଣା ଥାନା ଅନ୍ତର୍ଗତ ଅନ୍ଦରପୁର ଅଞ୍ଚଳର ରାଜା ଓରଫ ନିମନ କରଣ(୫୧) ଘର ଯୋଗାଇଦେବାର ପ୍ରତିଶ୍ରୁତି ଦେଇ ବହୁ ଆଶାୟୀଙ୍କ ଠାରୁ ଘର ପାଇଁ ଟଙ୍କା ନେଇଥିଲେ । ଏହି କ୍ରମରେ ଜଗତସିଂହପୁର ଜିଲ୍ଲା ବାଲିକୁଦା ଥାନା ଅନ୍ତର୍ଗତ ଖାଲଗାଁର ସମୀର ପାଲଙ୍କୁ ମଧ୍ୟ ରାଜା ଘର ଯୋଗାଇ ଦେବାକୁ କହି ବିଭିନ୍ନ ତାରିଖରେ ତାଙ୍କ ଠାରୁ ୨ଲକ୍ଷ ୩୦ହଜାର ଟଙ୍କା ନେଇଥିଲା । ତେବେ ଟଙ୍କା ନେବାବେଳେ ରାଜା ଜଣେ ନୋଟାରୀଙ୍କ ଆଗରେ ଏକ ଚୁକ୍ତି କରିଥିଲେ ଏବଂ ଏହାର ଫଟୋକପି ମଧ୍ୟ ଦେଇଥିଲା । ହେଲେ କାଗଜଖଣ୍ଡକ ଦେଇ ରାଜା ଚୁପ ବସିଥିବାବେଳେ ସମୀର ଘରପାଇଁ ତାଙ୍କ ପାଖକୁ ଦୌଡ଼ି ଦୌଡ଼ି ନିରାଶ ହୋଇଥିଲେ । ତେବେ ସମୀର ଏ ସଂକ୍ରାନ୍ତରେ ମଧୁପାଟଣା ଥାନାରେ ଅଭିଯୋଗ କରିବାରେ ପୁଲିସ କେସ ନମ୍ବର ୩୩ ତା ୩.୨.୨୦୨୨ରେ ଏକ ମାମଲା ରୁଜୁ କରି ଭାରତୀୟ ପିଙ୍ଗଳ କୋଡ଼ ୪୨୦/୪୦୬/୪୬୭/୪୬୮ ଦଫାରେ ତଦନ୍ତ ଆରମ୍ଭ କରିଥିଲା । ତଦନ୍ତ ବେଳେ ରାଜା ପ୍ରାୟ ୪୦ ଜଣଙ୍କଠାରୁ ଟଙ୍କା ନେଇ ଘର ହସ୍ତାନ୍ତର କରିଥିବା ଜଣାପଡ଼ିଥିଲା । ପୁନଶ୍ଚ ରାଜା ବହୁ ଲୋକଙ୍କ ଠାରୁ ଲକ୍ଷାଧିକ ଟଙ୍କା ନେଇ ବେଆଇନ ଭାବେ ସରକାରଙ୍କ ପକ୍ଷରୁ ନିର୍ମାଣ ଘରକୁ ବିଭିନ୍ନ ଲୋକଙ୍କୁ ଦେଇଥିଲା । ତେବେ ଅଭିଯୁକ୍ତ ବିରୋଧରେ ଅନେକ ପ୍ରମାଣ ମିଳିବା ପରେ ତାକୁ ଆଜି କୋର୍ଟ ଚାଲଣ କରାଯାଇଛି । ତେବେ ରାଜା ବିରୋଧରେ ମଧୁପାଟଣା ଥାନାରେ କେସ ନମ୍ବର ୧୭୦ ତା ୨୯.୮.୨୦୦୯ରେ ୩୪୧/୨୯୪/୫୦୬/୫୦୭/୧୮୬ ଦଫା ଲାଗିଥିବାବେଳେ ୨୦୦୫ ମସିହାରେ ଉକ୍ତ ଥାନାରେ କେସ ନମ୍ବର ୧ ତା ୧.୧.୨୦୦୫ରେ ୩୭୯/୩୪ ଦଫା, ଏକ ମାମଲା ହୋଇଥିବାବେଳେ ଏହି ଥାନାରେ କେସ ନମ୍ବର ୩୫ ତା ୪.୨.୨୦୨୨ରେ ଓ ଜଗତପୁର ଥାନାରେ ମଧ୍ୟ କେସ ନମ୍ବର ୬୧ତା ୪.୨.୨୦୨୨ରେ ଭାରତୀୟ ପିଙ୍ଗଳ କୋର୍ଡ଼ ୪୨୦/୪୦୬/୪୬୭/୪୬୮ଦଫାରେ ଏକ ମାମଲା ରହିଥିବା କମିଶନରେଟ ପୁଲିସ ପକ୍ଷରୁ କୁହାଯାଇଛି ।

# ବ୍ରିଗେଡିୟର୍ ଭିଗ୍ନେଶ ମହାନ୍ତିଙ୍କ ଛତିଶଗଡ ଏବଂ ଓଡିଶା ସବ୍ ଏରିଆ କମାଣ୍ଡର ଭାବେ ଦାୟିତ୍ୱ ଗ୍ରହଣ

**ଭୁବନେଶ୍ୱର(ଏନ୍.ଏମ୍.) :** ବ୍ରିଗେଡିୟର୍ ଭିଗ୍ନେଶ ମହାନ୍ତି, ସେନା ପଦକ, ଛତିଶଗଡ ଏବଂ ଓଡିଶା ସବ୍ ଏରିଆ (ସିଓଏସଏ)ର କମାଣ୍ଡର ଭାବରେ ବ୍ରିଗେଡିୟର୍ ପ୍ରଶାନ୍ତ ଚୌହାନ୍, ସେନା ପଦକଙ୍କ ଠାରୁ ଦାୟିତ୍ୱ ଗ୍ରହଣ କରିଛନ୍ତି ।

ବିଦାୟୀ ସବ୍ ଏରିଆ କମାଣ୍ଡର ବ୍ରିଗେଡିୟର୍ ଚୌହାନ୍ ରାଜ୍ୟ ସରକାରଙ୍କ ସହ ଏକ ଉତ୍ତମ ବ୍ୟବସାୟିକ ସମ୍ପର୍କ ବିକାଶ ତଥା ଛତିଶଗଡ ଏବଂ ଓଡ଼ିଶା ରାଜ୍ୟରେ ସଶସ୍ତ୍ର ବାହିନୀର ପଦଚିହ୍ନକୁ ବଜାୟ ରଖିବା ତଥା ପ୍ରୋତ୍ସାହିତ କରିବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ । ଜଣେ ବରିଷ୍ଠ ପୂର୍ବତନ ସେବାୟତ ମନ୍ତବ୍ୟ ଦେଇଛନ୍ତି, "ବ୍ରିଗେଡିୟର୍ ପ୍ରଶାନ୍ତ ଚୌହାନ୍‌ଙ୍କ ଅବଦାନ ଏବଂ ସୈନିକ ପୂର୍ବତନ ସେବାୟତ ଏବଂ ସୈନିକ ବିଧବାମାନଙ୍କୁସେବା ଯୋଗାଇଦେବା ତଥା ସମାଜର ସମସ୍ତ ପୂର୍ବତନ ସେବାୟତଙ୍କ ସମ୍ମାନ ବଢାଇବାରେ ତାଙ୍କର ନେତୃତ୍ୱ ଓ ଭୂମିକାକୁ ଆମେ ଚିରଦିନ ସ୍ମରଣ କରିବୁ ।"

ବ୍ରିଗେଡିୟର୍ ଭିଗ୍ନେଶ ମହନ୍ତି, ସେନା ପଦକ, ବର୍ତ୍ତମାନ ଛତିଶଗଡ ଏବଂ ଓଡିଶା ସବ୍ ଏରିଆକୁ ନିର୍ଦ୍ଦେଶ ଦେବେ । ତିନି ଦଶନ୍ଧିରୁ ଅଧିକ ସମୟ ଧରି ଚାଲିଥିବା ତାଙ୍କର ଚମତ୍କାର ସାମରିକ କ୍ୟାରିଅରରେ ବ୍ରିଗେଡିୟର୍ ମହାନ୍ତି ଭାରତ ଏବଂ ବିଦେଶରେ ଅନେକ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟକାରିଣୀ ଏବଂ



ପ୍ରଶାସନିକ ନିଯୁକ୍ତି ପାଇଛନ୍ତି । ସେ ନ୍ୟାସନାଲ ଡିଫେନ୍ସ ଏକାଡେମୀ (ଖଡକଓ୍ୱାସ୍ଲା), ଆର୍ମି ସ୍କୁଲ୍ ଅଫ୍ ଆମ୍ମୁନିସନ୍ (ୟୁକେ), ଡିଫେନ୍ସ ସର୍ଭିସ୍ ଷ୍ଟାଫ୍ କଲେଜ (ୱେଲିଙ୍ଗଟନ୍) ଏବଂ ନ୍ୟାସନାଲ ଡିଫେନ୍ସ କଲେଜ (ଫିଲିପାଇନ୍ସ)ରୁ ତାଲିମ ଗ୍ରହଣ କରିଛନ୍ତି । ସେ କାଶ୍ମୀର ଉପତ୍ୟକାରେ ଜଣେ ଇଞ୍ଜିନିୟର ରେଜିମେଣ୍ଟ ଏବଂ ଇଷ୍ଟର୍ଣ୍ଣ ଥିଏଟରରେ ଏକ ମାଉଣ୍ଟେନ୍ ବ୍ରିଗେଡ୍ କୁ ନିର୍ଦ୍ଦେଶ ଦେଇଛନ୍ତି ଏବଂ ଭୁଟାନରେ ଭାରତୀୟ ସାମରିକ ତାଲିମ କଣ୍ଟିଜେଣ୍ଟର ଏକ ଅଂଶ ହୋଇଛନ୍ତି । ସେନା ମୁଖ୍ୟାଳୟ ସମେତ ଆର୍ମିର ବିଭିନ୍ନ ସଂଗଠନରେ ତାଙ୍କୁ ଗୁରୁତ୍ୱପୂର୍ଣ୍ଣ ପଦବୀରେ ନିଯୁକ୍ତ କରାଯାଇଥିଲା । ସେ ଜଣେ ଇଞ୍ଜିନିୟରିଂ ସ୍ନାତକ, ଚେନ୍ନାଇ ବିଶ୍ୱବିଦ୍ୟାଳୟରୁ ପ୍ରତିରକ୍ଷା ଏବଂ ଷ୍ଟ୍ରାଟେଜିକ୍ ଷ୍ଟଡିଜ୍ ରେ ପୋଷ୍ଟ ଗ୍ରାଜୁଏଟ୍ ଡିଗ୍ରୀ ହାସଲ କରିଛନ୍ତି ଏବଂ ଫିଲିପାଇନ୍ସରୁ ଜାତୀୟ ସୁରକ୍ଷା ପ୍ରଶାସନରେ ସ୍ନାତକୋତ୍ତର କରିଛନ୍ତି । ତେଣୁ ବିସ୍ତୃତ ଅଭିଜ୍ଞତା, ସାମର୍ଥ୍ୟ ଏବଂ ପରିଚୟ ଉଭୟ ରାଜ୍ୟରେ ଭାରତୀୟ ସେନାର ଗରିମା ବୃଦ୍ଧି କରିବାରେ ସେ ପ୍ରୟାସ କରିବେ ବୋଲି ଆଶା କରାଯାଉଛି । ମୁଖ୍ୟାଳୟ ସିଓଏସଏ (କୋସା) ହେଉଛି ଛତିଶଗଡ ଏବଂ ଓଡିଶା ରାଜ୍ୟରେ ଭାରତୀୟ ସେନାର ସର୍ବୋଚ୍ଚ ମୁଖ୍ୟାଳୟ, ଯାହା ସିଭିଲ୍ କର୍ତ୍ତୃପକ୍ଷଙ୍କୁ ପ୍ରଶାସନିକ ସମସ୍ୟା ଏବଂ ବିପର୍ଯ୍ୟୟ ସହାୟତା ସହିତ ଜଡିତ ।




# ସହରରେ ବିପଦ ଶଙ୍କୁଳ ଅବସ୍ଥାରେ ଥିବା ମୁକୁଳା ଡ୍ରେନ ପ୍ରତିବାଦରେ ଜିଲ୍ଲାପାଳଙ୍କୁ ସ୍ମାରକପତ୍ର




**କଟକ(ଏନ୍.ଏମ୍.):** କଟକ ସହରରେ ଖୋଲା ଓ ବିପଦ ଶଙ୍କୁଳ ଅବସ୍ଥାରେ ଥିବା ଛୋଟ ବଡ଼ ଡ୍ରେନ୍ ଗୁଡ଼ିକର ମରାମତି ଏବଂ ଡ୍ରେନକଡ଼ରେ ତାର ବାଡ଼ ବୁଲାଇବା ଦାବିରେ ହିନ୍ଦୁସେନା ନେତୃତ୍ୱରେ ଅଞ୍ଚଳବାସୀଙ୍କ ପକ୍ଷରୁ ଜିଲ୍ଲାପାଳଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଛି।

ଅଭିଯୋଗ ଅନୁଯାୟୀ, ସ୍ଥାନୀୟ କଲ୍ୟାଣୀ ନଗରରୁ ନୂଆବଜାର ଆଡ଼କୁ ଯାଇଥିବା ମୁଖ୍ୟନାଳ ଲୋକମାନଙ୍କର ଚିନ୍ତା ବଢିବାରେ ଲାଗିଛି। ନାଳର ଦୁଇପଟେ ତା'ର ବାଡ଼ ନଥିବାରୁ ଏହି ନାଳ ଉଭୟ ପଶୁ ଏବଂ ମଣିଷ ମାନଙ୍କର ମରଣଯନ୍ତା ପାଲଟିଛି। କିଛିଦିନ ପୂର୍ବରୁ ଏହି ନାଳରେ ଭାରସାମ୍ୟ ହରାଇ ଜଣେ ଲୋକଙ୍କର ଜୀବନ ହାନୀ ଘଟିଛି । ପୁନଶ୍ଚ ପ୍ରତ୍ୟେକ ଦିନ ଏହି ଖୋଲା ନାଳରେ ଗାଈ, ଷଣ୍ଢ ଏବଂ ବିଭିନ୍ନ ପଶୁ ପଡ଼ିଯିବାର ନଜର ଆସୁଛି। ଫଳରେ ଅଗ୍ନିଶମ ବିଭାଗ ଓ ସ୍ଥାନୀୟ ଲୋକଙ୍କ ସହାୟତାରେ ବହୁ କଷ୍ଟରେ ପଡ଼ିଥିବା ପଶୁମାନଙ୍କୁ ଉଦ୍ଧାର କରାଯାଉଛି। ଏଥି ସହିତ ସମୟେ ସମୟେ ଉଦ୍ଧାର କାର୍ଯ୍ୟରେ ବିଳମ୍ବ ହେବାରୁ ଗାଈ, ଷଣ୍ଢ ଆଦି ପଶୁମାନଙ୍କର ଜୀବନ ହାନି ହେଉଥିବା ନଜର ଆସୁଛି। ଏହି ମୁଖ୍ୟ ଡ୍ରେନ ଛଡ଼ା ସହରରେ ବହୁ ବିପଦ ସଂଖୁଳ ଅବସ୍ଥାରେ ବହୁ ନାଳ ପଡ଼ିରହିଛି। ଏଥିପ୍ରତି ଯଦି ପ୍ରଶାସନ ସଜାଗ ନହୁଏ ଆଗାମୀ ଦିନମାନଙ୍କରେ ବହୁ ଧନ-ଜୀବନ ହାନି ହେବାର ଆଶଙ୍କା ରହିଛି। ତେଣୁ ଏହି ସମସ୍ୟା ଗୁଡ଼ିକୁ ଯଥାଶୀଘ୍ର ସମାଧାନ କରିବା ଦିଗରେ ତୁରନ୍ତ ପ୍ରଶାସନ ପଦକ୍ଷେପ ଗ୍ରହଣ କରିବା ପାଇଁ ହିନ୍ଦୁସେନା ପକ୍ଷରୁ ରାଜ୍ୟ ସଭାପତି ଦେବାଶିଷ ରାଉତ, ମୁଖ୍ୟ ଉପଦେଷ୍ଟା ସଞ୍ଜିତ ସାମଲ, ସାଧାରଣ ସମ୍ପାଦକ ହରିଚନ୍ଦନ ନାୟକ, କୋଷାଧକ୍ଷ ଅଭିଶେକ ଜେନା, ଜିଲ୍ଲାସଭାପତି ଆଶିଷ କୁମାର ମହାନ୍ତି, ରଞ୍ଜିତ ମଲ୍ଲିକ, ଦୀପ୍ତିରଞ୍ଜନ ସ୍ୱାଇଁ, ଦେବାଶିଷ ପ୍ରଧାନ, ଅଶୋକ କୁମାର ସାହୁ ପ୍ରମୁଖ ଦାବି କରିଛନ୍ତି।

# ସୂଚନା ଓ ଲୋକସମ୍ପର୍କ ବିଭାଗର ହେମନ୍ତ କୁମାର ନାୟକଙ୍କୁ କେନ୍ଦ୍ରାଞ୍ଚଳ ଉପନିର୍ଦ୍ଦେଶକ ଅତିରିକ୍ତ ଦାୟିତ୍ୱ



**କଟକ (ଏନ୍.ଏମ୍.):** ଓଡିଶା ସୂଚନା ସେବାର ବରିଷ୍ଠ ଅଧିକାରୀ ତଥା ଉପନିର୍ଦ୍ଦେଶକ ହେମନ୍ତ କୁମାର ନାୟକଙ୍କୁ ସୂଚନା ଓ ଲୋକସମ୍ପର୍କ ବିଭାଗ ପକ୍ଷରୁ କେନ୍ଦ୍ରାଞ୍ଚଳ ଉପନିର୍ଦ୍ଦେଶକ ଭାବରେ ଅତିରିକ୍ତ ଦାୟିତ୍ୱ ପ୍ରଦାନ କରାଯାଇଛି। ପ୍ରକାଶଥାଉକି ଶ୍ରୀ ନାୟକ କେନ୍ଦ୍ରାପଡା ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଭାବେ ମଧ କାର୍ଯ୍ୟରତ ଅଛନ୍ତି। ଆଜି ପୂର୍ବାହ୍ନରେ ସେ ଉପନିର୍ଦ୍ଦେଶକ ଦାୟିତ୍ୱ ଗ୍ରହଣ କରିଛନ୍ତି।

ସୂଚନାଯୋଗ୍ୟ ଶ୍ରୀ ନାୟକ ଦୀର୍ଘ ୨୭ ବର୍ଷରୁ ଉର୍ଦ୍ଧ ସମୟ ଧରି ଓଡିଶା ସୂଚନା ସେବାରେ ବିଭିନ୍ନ ଜିଲ୍ଲାର ପଦପଦବୀରେ ଯଥା ରାଜ୍ୟ ସଦର ମହକୁମା ସହିତ କଟକ, ମୟୂରଭଞ୍ଜ, ବୌଦ୍ଧ, ଢେଙ୍କାନାଳ, ସମ୍ବଲପୁର, ଜୟଦେବ ଭବନ, ଶିଳ୍ପ ନିର୍ଦ୍ଦେଶାଳୟର ପ୍ରଚାର ଅଧିକାରୀ, କଟକ-ଭୁବନେଶ୍ୱର ପୁଲିସ କମିଶନରଙ୍କ ଲୋକସମ୍ପର୍କ ଅଧିକାରୀ, ପ୍ରଦର୍ଶନୀ ସଂଗଠକ ଇତ୍ୟାଦି ପଦବୀ ଗୁଡିକରେ କାର୍ଯ୍ୟକରିଛନ୍ତି। ଜଣେ ଉଚ୍ଚଶିକ୍ଷିତ ଅଧିକାରୀ ଭାବେ ସେ ବିଭିନ୍ନ ଅନୁଷ୍ଠାନମାନଙ୍କ ଦ୍ୱାରା ସମ୍ବର୍ଦ୍ଧିତ ହେବା ସହ ବିଭିନ୍ନ ପୁରସ୍କାର ଲାଭ କରିଛନ୍ତି।

# ସୂଚନା ଓ ଲୋକସମ୍ପର୍କ ବିଭାଗ କେନ୍ଦ୍ରାଞ୍ଚଳ ଉପ ନିର୍ଦ୍ଦେଶକ ଅଶୋକ କୁମାର ଷଡଙ୍ଗୀଙ୍କ ଅବସର ଗ୍ରହଣ



**କଟକ(ଏନ୍.ଏମ୍.):** ସୂଚନା ଓ ଲୋକସମ୍ପର୍କ ବିଭାଗର କେନ୍ଦ୍ରାଞ୍ଚଳ ଉପ ନିର୍ଦ୍ଦେଶକ ଅଶୋକ କୁମାର ଷଡଙ୍ଗୀ ଆଜି ଅବସର ଗ୍ରହଣ କରିଛନ୍ତି। ଶ୍ରୀ ଷଡଙ୍ଗୀ ନିଷ୍ଠାପରତାର ସହ ସରକାରୀ ସେବାରେ ନିଜକୁ ନିୟୋଜିତ କରି ବହୁ ପ୍ରଶଂସା ପାଇଛନ୍ତି। ବିଶେଷ କରି ବିଭିନ୍ନ ସମୟରେ କଟକ ଜିଲ୍ଲାରେ ଶିଳ୍ପ ବିଭାଗରେ ଲୋକସମ୍ପର୍କ ଅଧିକାରୀ ତଥା ଜିଲ୍ଲାରେ ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଭାବେ ଦକ୍ଷତାର ସହ ନିଜର କାର୍ଯ୍ୟ ସମ୍ପାଦନା କରିବା ସହ ଜିଲ୍ଲା ପ୍ରଶାସନ ଓ ଗଣମାଧ୍ୟମ ମଧ୍ୟରେ ଉତ୍ତମ ସାମଞ୍ଜସ୍ୟ ରକ୍ଷା କରି ସଫଳତାର ସହ ମଧ କାର୍ଯ୍ୟ ତୁଲାଇଛନ୍ତି। ବିଶେଷ କରି କୋଭିଡ ମହାମାରୀ ସମୟରେ ସୂଚନା ସମ୍ବନ୍ଧୀତ ତଥ୍ୟ ଉପଲବ୍ଧ କରାଇବାରେ ତଥା ଗତ ସାଧାରଣ ନିର୍ବାଚନ, ବାଲିଯାତ୍ରା ସହ ଅନ୍ୟାନ୍ୟ ସାଂସ୍କୃତିକ କାର୍ଯ୍ୟକ୍ରମ ଓ ଜିଲ୍ଲାରେ ଚାଲିଥିବା ଉନ୍ନୟନମୂଳକ କାର୍ଯ୍ୟ ସମ୍ପର୍କରେ ସଠିକ ସମୟରେ ସଠିକ ସୂଚନା ଜନସାଧାରଣଙ୍କ ଠାରେ ପହଞ୍ଚାଇବାରେ ଗଣମାଧ୍ୟମକୁ ଉପଯୁକ୍ତ ସହଯୋଗ କରିଥିଲେ। ତାଙ୍କ କାର୍ଯ୍ୟକଳାପକୁ ଜିଲ୍ଲାପାଳ ଭବାନୀଶଙ୍କର ଚୟନୀଙ୍କ ସମେତ ଜିଲ୍ଲାର ସମସ୍ତ ଅଧିକାରୀ ମନେ ପ୍ରଶଂସା କରୁଥିଲେ। ଆଜି ଏହି ପରିପ୍ରେକ୍ଷୀରେ ଅତିରିକ୍ତ ଜିଲ୍ଲାପାଳ ବିଜୟ କୁମାର ଖଣ୍ଡାୟତରାୟ ତାଙ୍କ କାର୍ଯ୍ୟାଳୟରେ ଶ୍ରୀ ଷଡଙ୍ଗୀଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ଜ୍ଞାପନ କରିଥିଲେ। ଏହି ସମ୍ବର୍ଦ୍ଧନା ସମୟରେ ପୂର୍ବତନ ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ଅଶୋକ ମିଶ୍ର, ଜିଲ୍ଲା ସଂସ୍କୃତି ଅଧିକାରୀ ନଳିନିକାନ୍ତ ସାହୁ, ଭାରପ୍ରାପ୍ତ ସୂଚନା ଅଧିକାରୀ ଅଭିରାମ ଦାସ, ସ୍ମଲ ସେଭିଂସ ଅଧିକାରୀ ରଞ୍ଜନ ଦାସ, ଆସିଷ୍ଟାଣ୍ଟ କଲେକ୍ଟର ଅଳକାରାଣୀ ଦେବତା ଓ କାର୍ଯ୍ୟାଳୟର ଅନ୍ୟାନ୍ୟ କର୍ମକର୍ତ୍ତାମାନେ ଉପସ୍ଥିତ ଥିଲେ।

# ଏସବିଆଇ କ୍ୟାସ ଇନଚାର୍ଯ୍ୟ ଅଧିକାରୀ ପିୟୁଷ ରଞ୍ଜନ ମହାପାତ୍ରଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା



**କଟକ(ଏନ୍.ଏମ୍.):** ସ୍ଥାନୀୟ ଝାଞ୍ଜିରୀମଙ୍ଗଳାସ୍ଥିତ ଏସବିଆଇ ବ୍ୟାଙ୍କରେ କାର୍ଯ୍ୟରତ କ୍ୟାସ ଇନ ଚାର୍ଜ ଅଧିକାରୀଙ୍କୁ ଅବସରକାଳୀନ ବିଦାୟ ସମ୍ବର୍ଦ୍ଧନା ଦିଆଯାଇଛି। ଏହି ବ୍ରାଞ୍ଚରେ ଦୀର୍ଘ ବର୍ଷ ଧରି ଗ୍ରାହକଙ୍କ ସେବାରେ ନିଜକୁ ବ୍ରତୀ ରଖିଥିବା ଅଧିକାରୀ ପିୟୁଷ ରଞ୍ଜନ ମହାପାତ୍ରଙ୍କ ଗତକାଲି କାର୍ଯ୍ୟର ଶେଷ ଦିବସ ଥିଲା। ଶ୍ରୀ ମହାପାତ୍ର ଦୀର୍ଘ ୩୭ବର୍ଷରୁ ଉର୍ଦ୍ଧ୍ୱ ବର୍ଷ ଧରି ବ୍ୟାଙ୍କ ସେବା କ୍ଷେତ୍ରରେ ଗ୍ରାହକଙ୍କ ସହିତ ବ୍ୟାଙ୍କର ଯେଉଁ ସମନ୍ୱୟ ସୃଷ୍ଟି କରିଛନ୍ତି ତାହା ଏକ ଉଦାହରଣ ବୋଲି ବିଦାୟ ସମ୍ବର୍ଦ୍ଧନା ସଭାରେ ଉପସ୍ଥିତ ବ୍ୟାଙ୍କ କର୍ମଚାରୀ ଓ ଅଧିକାରୀମାନେ ପ୍ରକାଶ କରିଥିଲେ। ୧୯୮୪ ମସିହା ଅକ୍ଟୋବର ୨୦ତାରିଖରୁ ବ୍ୟାଙ୍କସେବା କ୍ଷେତ୍ରରେ ଯୋଗଦେଇ ଶ୍ରୀ ମହାପାତ୍ର ବକ୍ସିବଜାର ଏସବିଆଇ ବ୍ରାଞ୍ଚ, ପିଠାପୁର ଏସବିଆଇ ବ୍ରାଞ୍ଚ, ଲିଙ୍କରୋଡ଼ ଏସବିଆଇ ବ୍ରାଞ୍ଚ ଆଦିରେ ସଫଳତାର ସହ କାର୍ଯ୍ୟ ସମ୍ପାଦନ କରି ସମସ୍ତ ବ୍ୟାଙ୍କ ଅଧିକାରୀ ଓ କର୍ମଚାରୀଙ୍କ ସମେତ ଗ୍ରାହକମାନଙ୍କ ପ୍ରିୟଭାଜନ ହୋଇ ପାରିଥିଲେ। ବ୍ୟାଙ୍କ ଚିଫ ମ୍ୟାନେଜର କୀର୍ତ୍ତିରଞ୍ଜନ ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଅଫିସର୍ସ ଆସୋସିଏସନ କର୍ମକର୍ତ୍ତା ତଥା ପୂର୍ବତନ ବ୍ୟାଙ୍କ ଅଧିକାରୀ ପଦ୍ମ କର, ବ୍ୟାଙ୍କ ମ୍ୟାନେଜର ଶୁଭଦା ଶତପଥୀ, ରେଣୁ ସାଗର, ଆଶିଷ ପତି, ପ୍ରକାଶ ନାୟକଙ୍କ ସମେତ ବିଦାୟୀ ଅଧିକାରୀ ଶ୍ରୀ ମହାପାତ୍ରଙ୍କ ଧର୍ମପତ୍ନୀ ପ୍ରତିଭା ମହାପାତ୍ର ଉପସ୍ଥିତ ଥିଲେ। ଏହି ଅବସରରେ ଶ୍ରୀ ମହାପାତ୍ର ବିଦାୟୀ ସମ୍ବର୍ଦ୍ଧନାର ଉତ୍ତରରେ ସମସ୍ତ ବ୍ୟାଙ୍କ କର୍ମଚାରୀମାନେ ନିଜର କର୍ତ୍ତବ୍ୟ, ନମ୍ରତା, ସମୟାନୁବର୍ତ୍ତିତା ଓ ସ୍ୱଚ୍ଛତା ବଜାୟ ରଖି ବିଶ୍ୱସନୀୟତାର ସହ ବ୍ୟାଙ୍କ ସେବା ଯୋଗାଇଦେବାକୁ ପରାମର୍ଶ ଦେଇଥିଲେ।

# ଆସନ୍ତା ଶିକ୍ଷା ବର୍ଷରୁ ଏଏଚପିଜିଆଇସିରେ ଡିଆରଟିଟି କୋର୍ସ: ୨ ବର୍ଷିୟା ପାଠ୍ୟକ୍ରମ ଲାଗି ସଂରକ୍ଷିତ ରହିଛି ୧୦ଟି ସିଟ

**କଟକ(ଏନ୍.ଏମ୍.):** ଆସନ୍ତା ଶିକ୍ଷାବର୍ଷରୁ ଆଚାର୍ଯ୍ୟ ହରିହର ସ୍ନାତକୋତ୍ତର କର୍କଟ ଚିକିତ୍ସା ପ୍ରତିଷ୍ଠାନ(ଏଏଚପିଜିଆଇସି)ରେ ଡିପ୍ଲୋମା ଇନ ରେଡିଏସନ ଥେରାପୀ ଟେକ୍ନୋଲୋଜି(ଡିଆରଟିଟି) ପାଠ୍ୟକ୍ରମ ଆରମ୍ଭ ହେବ। ଏଥିନିମନ୍ତେ କେନ୍ଦ୍ର ସରକାରଙ୍କ ଆଟମିକ ଏନର୍ଜି ରେଗୁଲାଟୋରୀ ବୋର୍ଡ(ଏଇଆରବି) କର୍କଟ କେନ୍ଦ୍ରକୁ ଅନୁମୋଦନ ପ୍ରଦାନ କରିଛି। ଏହି ୨ ବର୍ଷିଆ ପାଠ୍ୟକ୍ରମ ନିମନ୍ତେ ୧୦ଟି ସିଟ ସଂରକ୍ଷିତ ରାଖଯାଇଛି। ଉକ୍ତ ପାଠ୍ୟକ୍ରମଟି ରାଜ୍ୟର ଷ୍ଟେଟ କାଉନସିଲ ଫର ଆଲିଏଡ ମେଡିକାଲ ସାଇନ୍ସେସ(ଏସସିଏଏମସି) ସହ ଅନୁବନ୍ଧିତ ରହିବ ବୋଲି ଚିଠିରେ ଉଲ୍ଲେଖ କରାଯାଇଛି। ପାଠ୍ୟକ୍ରମ, ସାର୍ଟିଫିକେଟ ପ୍ରଦାନ କରିବା ସହିତ ପରୀକ୍ଷା ମଧ ପରିଚାଳନା କରିବ ଏସସିଏଏମସି। ପ୍ରକାଶ ଥାଉକି, ପୂର୍ବରୁ ଡିପ୍ଲୋମା ଇନ ମେଡିକାଲ ରେଡିଓ ଡାଇଗ୍ନୋସିସ(ଡିଏମଆରଡି) ଡିଗ୍ରୀ ହାସଲ କରିଥିବା ଟେକ୍ନିସିଆନ ମାନେ ଆଚାର୍ଯ୍ୟ ହରିହରରେ ରେଡିଏସନ(ବିକିରଣ) ଦାୟିତ୍ୱ ତୁଲାଉଥିଲେ। ହେଲେ ଏଇଆରବି ଗତ କିଛି ବର୍ଷ ହେବ ନିୟମରେ ପରିବର୍ତ୍ତନ ଆଣିଛି। ଡିଏମଆରଡି ଡିଗ୍ରୀ ଧାରୀମାନେ ରେଡିଓ ଥେରାପୀ କରି ପାରିବେ ନାହିଁ ନିର୍ଦ୍ଦେଶ ଦେଇଛି। ଫଳସ୍ୱରୂପ ଆଚାର୍ଯ୍ୟ ହରିହରରେ ରେଡିଓ ଥେରାପୀ ନିମନ୍ତେ ସମସ୍ୟା ଦେଉଥିଲା। ଆଗାମୀ ବର୍ଷରେ ଏହି ସମସ୍ୟା ଦୂର ହେବ ବୋଲି ନିର୍ଦ୍ଦେଶକ ଡା. ଲଲାଟେନ୍ଦୁ ଷଡଙ୍ଗୀ କହିଛନ୍ତି। ପ୍ରକାଶ ଯୋଗ୍ୟ ଯେ, ଗତ ଜାନୁଆରୀ ୨୧ ତାରିଖରେ ଡିଆରଟିଟି କୋର୍ସ ଲାଗି କର୍କଟ କେନ୍ଦ୍ର ପକ୍ଷରୁ ଏଇଆରବିକୁ ଚିଠି କରାଯାଇ ନିବେଦନ କରାଯାଇଥିଲା। ଏହି ଚିଠି ପାଇବା ପରେ ଏଇଆରବି ପାଠ୍ୟକ୍ରମ ଖୋଲିବା ଲାଗି ଅନୁମତି ପ୍ରଦାନ କରିଛି। ଏହି ସିଲାବସ ଦ୍ୱାରା ଛାତ୍ରଛାତ୍ରୀମାନେ ବିକିରଣ ସମ୍ବନ୍ଧୀୟ ପାଠ ପଢିବେ।ଏସସିଏଏମସି ପକ୍ଷରୁ ସିଲାବସ ଓ ପାଠ୍ୟକ୍ରମର ଯୋଗ୍ୟତାରମାନ ଦଣ୍ଡକୁ ପୂରଣ କରାଯିବ।

# ଏସସିବି କୋଭିଡ ୱାର୍ଡରେ ଖଟିଆରୁ ଖସିପଡି ବୃଦ୍ଧ ଗୁରୁତର, ପରିବାର ଲୋକଙ୍କ ହୋହାଲ୍ଲା




**କଟକ(ଏନ୍.ଏମ୍.):** କଟକ ବଡ଼ ମେଡ଼ିକାଲ(ଏସସିବି)କୁ ରାଜ୍ୟସରକାର ଏମ୍ସ ପ୍ଲସ ବା ବିଶ୍ୱସ୍ତରୀୟ ସ୍ୱାସ୍ଥ୍ୟସେବା କେନ୍ଦ୍ର ଭାବେ ଗଢ଼ିତୋଳିବାକୁ ଯଥେଷ୍ଟ ଗୁରୁତ୍ୱ ଦେଉଥିବାବେଳେ ଏଠାରେ ଅଧିକାରୀ ଓ କର୍ମଚାରୀଙ୍କ ଅବହେଳା ଯୋଗୁଁ ରୋଗୀସେବା ବିପର୍ଯ୍ୟସ୍ତ ହେବାରେ ଲାଗିଛି। ଫଳରେ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଜନସାଧାରଣ ଅସନ୍ତୁଷ୍ଟ ହେବା ସହ ଏହାର ଦୋଷ ରାଜ୍ୟ ସରକାରଙ୍କୁ ହିଁ ମୁଣ୍ଡାଇବାକୁ ପଡୁଛି। ଗୋଟିଏ ପଟେ ଏସସିବି ମେଡ଼ିକାଲର ଉନ୍ନତି କରଣ ନିମନ୍ତେ ରାଜ୍ୟସରକାର ଫାଇଭ-ଟି ଜରିଆରେ ଯୁଦ୍ଧକାଳୀନ ଭିତ୍ତିରେ ନିର୍ମାଣ କାର୍ଯ୍ୟ ଚଳାଇଥିବାବେଳେ ଅନ୍ୟପକ୍ଷରେ ମେଡ଼ିକାଲର କର୍ମଚାରୀ ଓ ଅଧିକାରୀ ସେତିକି ତତ୍ପରତା ଦେଖାଉ ନାହାନ୍ତି। ଫଳରେ ଏସସିବି ମେଡ଼ିକାଲ ବଦନାମ ହେଉଥିବା ସାଧାରଣରେ ଚର୍ଚ୍ଚା ହେଉଛି। ଏହାର ଏକ ଜ୍ୱଳନ୍ତ ଉଦାହରଣ ଦେଖିବାକୁ ମିଳିଛି ଏସସିବି ମେଡିକାଲର କୋଭିଡ ୱାର୍ଡରେ। ଚିକିତ୍ସାଧୀନ ଜଣେ ବୃଦ୍ଧ ଖଟିଆରୁ ଖସି ପଡି ଗୁରୁତର ଭାବେ ଆହତ ହୋଇଛନ୍ତି। ଏହି ଘଟଣା ପାଇଁ ମେଡିକାଲ କର୍ମଚାରୀଙ୍କୁ ଦାୟୀ କରି ରୋଗୀ ସମ୍ପର୍କୀୟମାନେ ହୋହାଲ୍ଲା କରିଥିଲେ। ଖବର ପାଇ ମେଡିକାଲ ଫାଣ୍ଡି ପୁଲିସ ପହଞ୍ଚି ବୁଝାସୁଝା ପରେ ପରିସ୍ଥିତି ଶାନ୍ତ ପଡିଥିଲା।

ସୂଚନା ଅନୁଯାୟୀ, କେନ୍ଦ୍ରାପଡା ଜିଲ୍ଲା ନାଲିକଣା ଗ୍ରାମର ଶିବପ୍ରସାଦ ପ୍ରଧାନ(୮୧)ଙ୍କୁ ୪ ଦିନ ପୂର୍ବେ ଜ୍ୱର ହୋଇଥିଲା। ସ୍ଥାନୀୟ ଡାକ୍ତରଖାନାରେ ଦେଖାଇ ଶିବପ୍ରସାଦ ଔଷଧ ସେବନ କରିଥିଲେ। ମାତ୍ର ତାଙ୍କର ସ୍ୱାସ୍ଥ୍ୟବସ୍ଥାରେ ଉନ୍ନତି ଆସିନଥିଲା। ପରୀକ୍ଷା କରିବାରୁ ପରେ ସେ କୋଭିଡ ଆକ୍ରାନ୍ତ ହୋଇଥିବା ଜଣାପଡିବା ପରେ ଡାକ୍ତରଙ୍କ ପରାମର୍ଶକ୍ରମେ ଗତ ଶୁକ୍ରବାର ଅପରାହ୍ନରେ ଶିବପ୍ରସାଦଙ୍କୁ ଏସସିବି ମେଡିକାଲର କୋଭିଡ ୱାର୍ଡରେ ଭର୍ତ୍ତି କରାଯାଇଥିଲା। ସେ ୱାର୍ଡର ୫୧୪ ନମ୍ବର ବେଡରେ ରହି ଚିକିତ୍ସିତ ହେଉଥିଲେ। ତେବେ ସେ ଠିକଭାବେ ଚଲାବୁଲା କରିପାରୁନଥିବାରୁ ତାଙ୍କ ପାଖରେ ଜଣକୁ ସହାୟକ ଭାବେ ରଖିବା ପାଇଁ ପରିବାର ପକ୍ଷରୁ ନିବେଦନ କରାଯାଇଥିଲା। ହେଲେ ସହାୟକଙ୍କୁ ରଖିବାରେ ନିୟମ ନଥିବା ଏବଂ ତାଙ୍କର ସମସ୍ତ ପ୍ରକାର ଯତ୍ନ ନିଆଯିବ ବୋଲି ପ୍ରତିଶ୍ରୁତି ଦିଆଯାଇଥିଲା। ତେବେ ଆଜି ଶିବପ୍ରସାଦ ହଠାତ ଖଟରୁ ତଳକୁ ଖସିପଡିଥିଲେ। ତାଙ୍କ ମୁଣ୍ଡରେ ଗଭୀର ଆଘାତ ଲାଗିବାରୁ ପ୍ରଚୁର ରକ୍ତସ୍ରାବ ହୋଇଥିଲା। ଏହି ଖବର ପାଇବା ପରେ ପରିବାର ଲୋକ ୱାର୍ଡ ସମ୍ମୁଖରେ ପହଞ୍ଚି ପାଟିତୁଣ୍ଡ କରିଥିଲେ । କୋଭିଡ ସଂକ୍ରମିତଙ୍କୁ ୱାର୍ଡରେ ନିୟୋଜିତ ଡାକ୍ତର ଓ କର୍ମଚାରୀ ଅଣଦେଖା କରୁଥିବା କହି ପରିବାର ଲୋକ ହୋହଲ୍ଲା କରିଥିଲେ। ଏହି ସୂଚନା ପାଇ ମେଡିକାଲ ଫାଣ୍ଡି ପୁଲିସ ସେଠାରେ ପହଞ୍ଚି ଉତ୍ତେଜିତ ପରିବାର ଲୋକଙ୍କୁ ବୁଝିସୁଝା କରିଥିଲା। ପରେ ଅଭିଯୋଗ ଆଧାରରେ ପୁଲିସ ୱାର୍ଡର କିଛି କର୍ମଚାରୀଙ୍କୁ ତାଗିଦ କରିବା ପରେ ଉତ୍ତେଜନା ଥମିଥିଲା। ତେବେ ଏନେଇ ଏସସିବି କର୍ତ୍ତୃପକ୍ଷ ସଜାଗ ରହିବାକୁ ସାଧାରଣରେ ଦାବି ହେଉଛି।




# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ ...

## ଆଉ ଶୁଣିବାକୁ ମିଳିବନି ଲତାଙ୍କ...

'ସେଇ ଚୁନାଚୁନା ତାରା ଫୁଲ ଆଜି...' ଓ 'ଅରୁନ୍ଧତୀ'(୧୯୬୮)ର 'ଆଜି ମୁଁ ଶ୍ରାବଣୀ...' ଗୀତରେ ରହିଛି ଲତାଙ୍କ ଭଏସ। ଏହି ଉଭୟ ଗୀତର ସଙ୍ଗୀତକାର ଥିଲେ ଶାନ୍ତନୁ ମହାପାତ୍ର। ଏହି ଦୁଇଟି ଗୀତ ଲାଗି ଓଡ଼ିଆ ସଙ୍ଗୀତ ଜଗତ ଓ ଚଳଚ୍ଚିତ୍ର ଜଗତ ମହାନ ଗାୟିକା ଲତାଙ୍କ ସହ ଯୋଡ଼ି ହୋଇ ରହିଛି। ସଂଗୀତ ନିର୍ଦ୍ଦେଶକ ଶାନ୍ତନୁ ମହାପାତ୍ର ଏହି ଦୁଇଟି ଗୀତର ସ୍ୱର ସଂଯୋଜନା କରିବା ବେଳେ ହିଁ ସ୍ଥିର କରିଥିଲେ ଯେ, ଏଥିରେ ଲତାଜୀଙ୍କୁ ହିଁ ପ୍ଲେ ବ୍ୟାକ୍ ସିଙ୍ଗର ଭାବେ ଗାୟନ କରାଇବେ। ଏଥିପାଇଁ ସେ ପ୍ରଥମେ ପ୍ରଯୋଜକଙ୍କୁ କହିଥିଲେ। ପ୍ରଯୋଜକ ମଧ୍ୟ ରାଜି ହୋଇଯାଇଥିଲେ। ତା' ପରେ ବମ୍ବେରେ ସଙ୍ଗୀତକାର ଶାନ୍ତନୁ ମହାପାତ୍ର ଲତାଜୀଙ୍କ ପାଖକୁ ଯାଇ ଗୀତର ସ୍ୱର ଶୁଣାଇଥିଲେ। ଗୀତର ସ୍ୱର ଶୁଣିଲା ପରେ ଲତାଜୀ ଉତ୍ସାହିତ ହୋଇଥିଲେ ଏବଂ ସେଥିରେ କଣ୍ଠଦାନ କରିବାକୁ ମଧ୍ୟ ରାଜି ହୋଇଯାଇଥିଲେ। ଆଜି ଏହି ଗୀତ ପାଇଁ ପୂରା ଓଡ଼ିଆ ସିନେ ଜଗତ ଲତାଜୀଙ୍କୁ ଝୁରୁଛି।

ଲତା ଦିଦି ଗତ ମାସରେ ସେ କରୋନା ସଂକ୍ରମିତ ଚିହ୍ନଟ ହୋଇଥିଲେ। ସ୍ୱାସ୍ଥ୍ୟାବସ୍ଥା ବିଗିଡ଼ିବାରୁ ତାଙ୍କୁ ମୁମ୍ବାଇ ସ୍ଥିତ ବ୍ରିଚ୍ କ୍ୟାଣ୍ଡି ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। କୋଭିଡ୍ ସହିତ ନିମୋନିଆରେ ମଧ୍ୟ ପୀଡ଼ିତ ଥିଲେ। ହସ୍ପିଟାଲ ଆଇସିୟୁରେ ତାଙ୍କୁ ରଖାଯାଇଥିଲା। ସେ ସମୟରେ ତାଙ୍କର କରୋନାର ସ୍ୱଳ୍ପ ଲକ୍ଷଣ ଦେଖାଯାଇଥିଲା। ହେଲେ ପରେ ସ୍ୱାସ୍ଥ୍ୟାବସ୍ଥାରେ ତାଙ୍କର ଅବନତି ଘଟିଥିଲା। ତେଣୁ ଭେଣ୍ଟିଲେଟରରେ ନେଇ ରଖାଯାଇଥିଲା। ୨୯ ଦିନ ଧରି ସେ ଭେଣ୍ଟିଲେଟରରେ ଥିଲେ। ତାଙ୍କ ବିୟୋଗରେ ରାଷ୍ଟ୍ରପତି ରାମନାଥ କୋବିନ୍ଦ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ, କେନ୍ଦ୍ର ସଡ଼କ ଓ ପରିବହନ ମନ୍ତ୍ରୀ ନୀତିନ୍ ଗଡ଼କରୀ, ଓଡ଼ିଶା ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ, ଉତ୍ତର ପ୍ରଦେଶ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ, ଓଡ଼ିଶା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ସମେତ ଅନେକ ବରିଷ୍ଠ ମାନେ ଶୋକ ପ୍ରକାଶ କରିଛନ୍ତି । ଏହି କ୍ରମରେ ରାଷ୍ଟ୍ରପତି ରାମନାଥ କୋବିନ୍ଦ କହିଛନ୍ତି ଯେ, ଭାରତ ରତ୍ନ, ଲତାଜୀଙ୍କର ଉପଲବ୍ଧି ଅତୁଳନୀୟ ରହିବ। ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀ ଶୋକ ପ୍ରକାଶ କରି କହିଛନ୍ତି ଯେ, ମୁଁ ମୋ ଦୁଃଖକୁ ଶବ୍ଦରେ ପ୍ରକାଶ କରିପାରିବି ନାହିଁ; ଲତା ଦିଦି ଦେଶରେ ଶୂନ୍ୟତା ଛାଡ଼ି ଚାଲିଯାଇଛନ୍ତି, ଯାହାକୁ ପୂର୍ଣ୍ଣ କରାଯାଇ ପାରିବ ନାହିଁ। ଆଗାମୀ ପିଢ଼ି ତାଙ୍କୁ ଭାରତୀୟ ସଂସ୍କୃତିର ଏକ ମାଇଲଖୁଣ୍ଟ ଭାବେ ମନେ ରଖିବ, ଯାହାଙ୍କର ସୁମଧୁର ସ୍ୱରରେ ଲୋକଙ୍କୁ ମନ୍ତ୍ରମୁଗ୍ଧ କରିବାର ଅଦ୍ୱିତୀୟ କ୍ଷମତା ଥିଲା। ତେବେ ଲତାଙ୍କ ବିୟୋଗରେ ୨ ଦିନିଆ ରାଷ୍ଟ୍ରୀୟ ଶୋକ ଘୋଷଣା କଲେ କେନ୍ଦ୍ର ସରକାର, ଜାତୀୟ ପତାକା ଅର୍ଦ୍ଧନମିତ ରହିବ ବୋଲି ସୂଚନା ଦିଆଯାଇଛି।

## କେଜ୍ରିଓ୍ୱାଲଙ୍କ ଉପରେ ...

ନୁହେଁ ନିୟମ ଅନୁଯାୟୀ ପ୍ରତିବନ୍ଧକ ଥିବା ସ୍ଥାନଗୁଡିକରେ ମଧ୍ୟ ବେଧଡକ ମଦ ଦୋକାନ ଖୋଲା ଅଛି ବୋଲି କହି ଭର୍ଚୁଆଲ ରଲିରେ କେଜ୍ରିଓ୍ୱାଲ ସରକାରଙ୍କ ଉପରେ ବର୍ଷିଛନ୍ତି ବିଜେପି ରାଷ୍ଟ୍ରୀୟ ଉପାଧ୍ୟକ୍ଷ ବୈଜୟନ୍ତ ପଣ୍ଡା। ଶ୍ରୀ ପଣ୍ଡା ଆହୁରି କହିଛନ୍ତି, 'ସାଢ଼େ ୮ଶହଟି ମଦ ଦୋକାନ ଖୋଲିବାକୁ କେଜ୍ରିଓ୍ୱାଲ ସରକାର ଆଗ୍ରହ କରିଥିଲେ। କିନ୍ତୁ ବିରୋଧ ଯୋଗୁଁ ୩ଶହଟି ଖୋଲିପାରିନି ତଥା ଖୋଲି ବନ୍ଦ ହୋଇଯାଇଛି। ଏବେ ବି ଆହୁରି ସାଢ଼େ ୫ଶହଟି ମଦ ଦୋକାନ ରହିଛି। ସ୍କୁଲ ଓ ହସ୍ପିଟାଲ ତିଆରି ବିଷୟରେ କହୁଥିବା ଦିଲ୍ଲୀ ସରକାର ମଦ ଦୋକାନ ଖୋଲୁଛନ୍ତି। ୮ ବର୍ଷ ଭିତରେ ଦିଲ୍ଲୀ ସରକାର ଗୋଟିଏ ବି ନୂଆ ହସ୍ପିଟାଲ କାମ ଆରମ୍ଭ କରିନାହାନ୍ତି, କିନ୍ତୁ ସାଢ଼େ ୮ଶହ ମଦ ଦୋକାନ ଖୋଲିବା ପାଇଁ ଚେଷ୍ଟା କରିଛନ୍ତି। କେବଳ ଦିଲ୍ଲୀରେ ହିଁ ଏଭଳି ସ୍ଥିତି ଦେଖିବାକୁ ମିଳିଛି। ଦିଲ୍ଲୀ ୟୁନିର୍ଭସିଟିର ୧୨ଟି କଲେଜ ଅଧ୍ୟାପକ ତଥା ନନ୍ ଅଧ୍ୟାପକଙ୍କ ଷ୍ଟାଫ୍‌ଙ୍କୁ ଦରମା ଦେଉନାହାନ୍ତି ଦଲ୍ଲୀ ସରକାର, କିନ୍ତୁ ମଦ ଦୋକାନ ଖୋଲି ଦିଲ୍ଲୀକୁ ନଷ୍ଟ କରୁଛନ୍ତି।' ସେହିପରି କେନ୍ଦ୍ର ମନ୍ତ୍ରୀ ସ୍ମୃତି ଇରାନି ମଧ୍ୟ କେଜ୍ରିଓ୍ୱାଲ ସରକାରଙ୍କ ଉପରେ ଜୋରଦାର ବର୍ଷିଛନ୍ତି। ସେ କହିଛନ୍ତି, 'ସ୍ତବ୍ଧ କିନ୍ତୁ ନିଃଶବ୍ଦ ନୁହେଁ। ମୁଁ କଳ୍ପନା କରିନଥିଲି ଯେ, ଦିନେ ଆମ୍ ଆଦମୀ ପାର୍ଟିର ଜଣେ ନେତା ଦିଲ୍ଲୀକୁ ମଦରେ ବୁଡାଇବା ପାଇଁ ଦୁଃସାହାସ କରିପାରିବ ବୋଲି। ସ୍ତବ୍ଧ ଏଥିପାଇଁ କାରଣ ଏହି ନେତା ସେହି ନେତା, ଯିଏ ସ୍ୱରାଜର ଶପଥ ନେଇଥିଲେ। ମଦ ବିରୋଧରେ ଏକ ବହିରେ ଉଲ୍ଲେଖ କରିଥିବା ଏହି ନେତା ଏବେ କମିଶନ ଲୋଭରେ ଦିଲ୍ଲୀର ପ୍ରତିଟି ଓ୍ୱାର୍ଡରେ ତିନୋଟି ଲେଖାଏଁ ଦୋକାନ ଖୋଲିଛନ୍ତି।' ବାସ୍ତବରେ, ଦିଲ୍ଲୀ ସରକାରଙ୍କ ନୂତନ ଏକ୍ସାଇଜ୍ ନୀତି ଅନୁଯାୟୀ ବେସରକାରୀ ଗୋଷ୍ଠୀଙ୍କୁ ସହରରେ ୮୪୯ଟି ମଦ ଦୋକାନ ଖୋଲିବାକୁ ଲାଇସେନ୍ସ ଦିଆଯାଇଛି। ଏପର୍ଯ୍ୟନ୍ତ ପ୍ରାୟ ୫୫୦ଟି ମଦ ଦୋକାନ ଖୋଲା ହୋଇଥିବା ବେଳେ ଅନ୍ୟ ଗୁଡିକ ବ୍ୟକ୍ତିଗତ ଗୋଷ୍ଠୀ ଦ୍ୱାରା ସେଟ୍ ଅପ୍ ହେଉଛି। ଭର୍ଚୁଆଲ ରାଲି ପାଇଁ ଦିଲ୍ଲୀ ବିଜେପି ୫ ଶହରୁ ଅଧିକ ସ୍ଥାନରେ ଏଲ୍ଇଡି ସ୍କ୍ରିନ୍ ଲଗାଇଛି। ପ୍ରତ୍ୟେକ ସ୍ଥାନରେ ଅତି କମରେ ୨୫୦ରୁ ଅଧିକ ଲୋକେ ଯୋଗ ଦେଇଛନ୍ତି।

## ଅନୁସୂଚିତ ଜନଜାତିଙ୍କ ପାଇଁ ମାଗଣା...

ପ୍ରତିବର୍ଷ ଅନୁସୂଚିତ ଜନଜାତି ସମାଜର ବିକାଶ ପାଇଁ ୨୪ ଶହ କୋଟି ଟଙ୍କା ଖର୍ଚ୍ଚ କରାଯିବ। ସରକାରୀ କ୍ଷେତ୍ର ଏସ୍ଟି ବର୍ଗଙ୍କ ପାଇଁ ସଂରକ୍ଷଣ ହୋଇଥିବା ୩ ହଜାର ପଦବୀକୁ ଜରୁରିକାଳୀନ ଉପାୟରେ ପୂରଣ କରାଯିବ। ଜଙ୍ଗଲ ଜମି ଅଧିକାର ଆଇନ ଏସ୍ଟି ବର୍ଗ ପାଇଁ ଲାଗୁ କରାଯିବ। ଏହି ବର୍ଗର ଲୋକଙ୍କ ପାଇଁ ବିଧାନସଭାରେ ୧୨.୫% ଆସନ ସଂରକ୍ଷଣ ଆଇନ ଲାଗୁ ହେବ। ଏସ୍ଟି ବର୍ଗର ପିଲାମାନଙ୍କୁ କ୍ଲାସ ୧ରୁ ଗ୍ରାଜ୍ୟୁଏସନ ଯାଏ ମାଗଣା ଶିକ୍ଷାଦାନ ପ୍ରଦାନ କରାଯିବ। ସବୁ ପ୍ରକାରର ରୋଗର ଚିକିତ୍ସା ପାଇଁ ସରକାର ଅର୍ଥ ବହନ କରିବେ। ଏସ୍ଟି ବର୍ଗର ମହିଳାଙ୍କୁ ମାସିକ ୧ ହଜାର ଟଙ୍କର ମିଳିବ। ନିଯୁକ୍ତି ପାଇ ନଥିବା ଯୁବବର୍ଗଙ୍କୁ ମାସିକ ୩ ହଜାର ଟଙ୍କା ଲେଖାଏ ଦିଆଯିବ। ସୂଚନାଯୋଗ୍ୟ, ଫେବୃଆରୀ ୧୪ରେ ଗୋଆର ସମସ୍ତ ୪୦ଟି ବିଧାନସଭା ଆସନ ପାଇଁ ଭୋଟିଂ ହେବ। ମାର୍ଚ୍ଚ ୧୦ରେ ଗଣତି ସହ ଫଳାଫଳ ପ୍ରକାଶ ପାଇବ।

## ଶୋଇଥିବାବେଳେ ବାପପୁଅଙ୍କୁ ...

ବିଳମ୍ବିତ ରାତିରେ ଏକ ହାତୀ ତାଙ୍କ ଘର ଆଡ଼କୁ ମାଡ଼ି ଆସିଥିଲା। ହାତୀଟି ପ୍ରଥମେ ରସାନନ୍ଦଙ୍କୁ ଶୁଣ୍ଢରେ ଧରି କଚାଡ଼ି ଦେଇଥିଲା। ପରେ ତାଙ୍କର ୫ ବର୍ଷର ଶିଶୁପୁତ୍ରର ମୁଣ୍ଡକୁ ଦଳି ଦେଇଥିବା ଗ୍ରାମବାସୀ କହିଛନ୍ତି। ରସାନନ୍ଦଙ୍କୁ ପ୍ରଥମେ କାମାକ୍ଷାନଗର ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ଅବସ୍ଥା ସଙ୍କଟାପନ୍ନ ଥିବାରୁ ତାଙ୍କୁ ଢେଙ୍କାନାଳ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି। ଏଭଳି ଘଟଣା ଘଟିବା ପରେ ଅଞ୍ଚଳରେ ଜନସାଧାରଣ ଆତଙ୍କିତ ହୋଇପଡ଼ିଥିବାବେଳେ ଜନବସତିକୁ ହାତୀ ପ୍ରବେଶ ଉପରେ କିଭଳି ରୋକ ଲଗାଯାଇ ପାରିବ ବନବିଭାଗ ପଦକ୍ଷେପ ନେବାକୁ ସାଧାରଣରେ ଦାବି ହୋଇଛି।

# ଧାନ କିଣାରେ ଦୁର୍ନୀତି : ବସ୍ତା ଟଙ୍କାରେ ପକେଟ୍ ଗରମ କରୁଛନ୍ତି ମିଲର



**ସୁନ୍ଦରଗଡ଼ (ଏନ୍.ଏମ୍.):** ସରକାରଙ୍କ ନିୟମ କହୁଛି, ଚାଷୀମାନେ ନିଜ ବସ୍ତାରେ ଧାନ ଭରି ମଣ୍ଡିକୁ ଆଣିବେ। ସେଠାରେ ସେମାନେ ଧାନ ଢାଳି ଦେବେ। ତା'ପରେ ମିଲର ନିଜ ବସ୍ତାରେ ଧାନ ଭରି ମିଲ୍କୁ ନେବେ। କିନ୍ତୁ ସୁନ୍ଦରଗଡ଼ ଜିଲ୍ଲାରେ ଏଥିରେ ବ୍ୟତିକ୍ରମ ଦେଖିବାକୁ ମିଳିଛି। ଆଉ ଏଥିଯୋଗୁଁ ଚାଷୀମାନେ କ୍ଷତି ସହୁଥିବା ବେଳେ କୋଟି କୋଟି ଟଙ୍କାର ଦୁର୍ନୀତି ହେଉଛି। ଏଠାରେ ଚାଷୀମାନେ ଯେଉଁ ବସ୍ତାରେ ଧାନ ଭର୍ତ୍ତି କରି ଆଣୁଛନ୍ତି ମିଲର ତାହାକୁ ନେଇ ଯାଉଛି। ଅର୍ଥାତ୍ ମିଲର ବସ୍ତା କିଣୁ ନାହିଁ। ଚାଷୀ ଖୋଲା ବଜାରରୁ ଗୋଟିଏ ବସ୍ତାକୁ ୩୫ ଟଙ୍କା ଦେଇ କିଣୁଛି। ଗୋଟିଏ କ୍ୱିଣ୍ଟାଲ ଧାନ ପାଇଁ ତାକୁ ଦୁଇଟି ବସ୍ତା କିଣିବାକୁ ପଡୁଛି। ସେହି ବସ୍ତା ମିଲର ନେଇ ଯାଉଥିବାରୁ ଚାଷୀ କ୍ୱିଣ୍ଟାଲ ପିଛା ୭୦ ଟଙ୍କା କ୍ଷତି ସହୁଛି। ମହୁଲପାଲିର ଚାଷୀ ଅମୀୟ କୁମାର ନାଏକ କହିଛନ୍ତି, ବସ୍ତା ପ୍ରସଙ୍ଗଟି ଏକ ଦୁଃଖଦ କଥା। ଆମେ ୩୫ ଟଙ୍କାରେ ଗୋଟିଏ ବସ୍ତା କିଣୁଛୁ। ମିଲର ଓ ଲ୍ୟାମ୍ପସ ଉଭୟେ କହୁଛନ୍ତି ବସ୍ତା ଦେବେ। କିନ୍ତୁ କେହି ଦେଉ ନାହାନ୍ତି। ପୁଣି ଧାନ କ୍ୱିଣ୍ଟାଲ ପିଛା ୩ କେଜି ପର୍ଯ୍ୟନ୍ତ କଟନିଛଟନି ହେଉଛି। ତେଣୁ ମୋଟାମୋଟି ଦେଖିଲେ ଆମେ ଧାନ କ୍ୱିଣ୍ଟାଲ ପିଛା ୯୫ରୁ ୧୦୦ ଟଙ୍କା କ୍ଷତି ସହୁଛୁ। ଅନ୍ୟପକ୍ଷରେ ମିଲର ସବୁଆଡୁ ଫାଇଦାରେ ରହୁଛି। କାରଣ ସେ ଚାଷୀଙ୍କ ବସ୍ତା ନେଇ ଯାଉଛି। ବସ୍ତା ବାବଦକୁ ତା'ର ଟଙ୍କାଟିଏ ଖର୍ଚ୍ଚ ହେଉ ନାହିଁ। ତା'ସହିତ ବସ୍ତା ବାବଦରେ ସରକାରଙ୍କ ପକ୍ଷରୁ ମିଳୁଥିବା ଅର୍ଥ ପୂରାପୂରି ତା' ପକେଟକୁ ଚାଲି ଯାଉଛି। ସୂଚନାଯୋଗ୍ୟ, ସରକାର ବସ୍ତା ବାବଦରେ ମିଲରମାନଙ୍କୁ କ୍ୱିଣ୍ଟାଲ ପିଛା ୧୪ ଟଙ୍କା ୪୯ ପଇସା ଦିଅନ୍ତି। ଚଳିତ ଖରିଫ ଋତୁରେ ସରକାର ସୁନ୍ଦରଗଡ଼ ଜିଲ୍ଲାରୁ ପ୍ରାୟ ୨୫ ଲକ୍ଷ କୁଇଣ୍ଟାଲ ଧାନ କିଣିବା ନେଇ ଲକ୍ଷ୍ୟ ରଖିଛନ୍ତି। ଫୁଡ୍ ଓଡ଼ିଶା ପୋର୍ଟାଲର ତଥ୍ୟ ଅନୁସାରେ ଏଠାରେ ଏପର୍ଯ୍ୟନ୍ତ ମୋଟ୍ ୨୭,୫୧୧ ଜଣ ଚାଷୀଙ୍କଠାରୁ ୧୩ ଲକ୍ଷ ୧୦ ହଜାର ୭ ଶହ ୨୩ କ୍ୱିଣ୍ଟାଲ ଧାନ ସଂଗ୍ରହ କରାଯାଇଛି। ସେହି ଅନୁସାରେ କେବଳ ଯଦି ବସ୍ତାକୁ ହିସାବକୁ ନିଆଯାଏ, ତା'ହେଲେ ୧ କୋଟି ୮୯ ଲକ୍ଷ ୯୨ ହଜାରରୁ ଅଧିକ ଟଙ୍କାର ଦୁର୍ନୀତି ହୋଇଛି ଓ ଏହି ଟଙ୍କା ସିଧାସଳଖ ମିଲରଙ୍କ ପକେଟକୁ ଯାଇଛି। ରସରାଜପୁରର ଚାଷୀ ସରୋଜ କୁମାର ଲାକ୍ରା କହିଛନ୍ତି, ମଣ୍ଡିରେ ସରକାର ଆମ ପାଇଁ ଯେଉଁ ସବୁ ସୁବିଧା କରିଛନ୍ତି, ତାହା ବାସ୍ତବରେ ଆମକୁ ମିଳୁ ନାହିଁ। ଚାଷ କଲା ବେଳେ ଯେମିତି ହଇରାଣ ହେଉଛି ଧାନ ବିକ୍ରି କଲା ବେଳେ ବି ସେମିତି ହଇରାଣ ହେଉଛୁ। ସୁନ୍ଦରଗଡ଼ ଜିଲ୍ଲାପାଳ ନିଖିଲ ପବନ କଲ୍ୟାଣ କହିଛନ୍ତି ଯେ ବସ୍ତା ବାବଦରେ ଜିଲ୍ଲାସ୍ତରୀୟ ଧାନକିଣା କମିଟି ବୈଠକରେ ଆଲୋଚନା ହୋଇଛି। ଏଦିଗରେ ଧ୍ୟାନ ଦିଆଯିବ।

# 'ଆଗରୁ ଯେଉଁ ଅବହେଳା ହେଉଥିଲା, ଆଜି ତାହା ନାହିଁ'




**ଭୁବନେଶ୍ୱର (ଏନ୍.ଏମ୍.):** ଏବେ ଓଡ଼ିଶା ପାଇଁ ରେଳ ଅନୁଦାନ ଯଥେଷ୍ଟ ବୃଦ୍ଧି ପାଇଛି। ଚଳିତ ବର୍ଷ ବଜେଟରେ ଓଡ଼ିଶାକୁ ମିଳିଥିବା ରେଳ ଅନୁଦାନ ନେଇ ଆୟୋଜିତ ଏକ ପ୍ରେସମିଟ୍‌ରେ ରେଳ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଏହି ସୂଚନା ଦେଇଛନ୍ତି। ସେ ପୁଣି କହିଛନ୍ତି ଯେ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଫୋକସରେ ସବୁବେଳେ ଓଡ଼ିଶା ରହିଛି। ଓଡ଼ିଶାର ଭିତ୍ତିଭୂମି ବିକାଶ ଲାଗି ପ୍ରଧାନମନ୍ତ୍ରୀ ମୋଦି ଲଗାତର ଭାବେ ଅଧିକରୁ ଅଧିକ ଅନୁଦାନ ଦେଇ ଆସୁଛନ୍ତି। ରେଲୱେ ସେୟାରରେ ୟୁପିଏ ତୁଳନାରେ ଅଧିକ ଅନୁଦାନ ଆସୁଥିବା କହିଛନ୍ତି କେନ୍ଦ୍ରମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ। ରେଳ ମନ୍ତ୍ରୀ କହିଛନ୍ତି, ଆଗରୁ ଯେଉଁ ଅବହେଳା ହେଉଥିଲା, ଏବେ ସେ ଯୁଗ ବଦଳି ଯାଇଛି। ଓଡ଼ିଶାକୁ କୌଣସି କ୍ଷେତ୍ରରେ ଅବହେଳା କରାଯାଉନାହିଁ। ୟୁପିଏ ତୁଳନାରେ ମୋଦି ସରକାର ଅଧିକ ଅନୁଦାନ ଦେଉଛନ୍ତି। ଉଦାହରଣ ଭାବେ ଓଡ଼ିଶାକୁ ରେଳ ଅନୁଦାନ କଥା ନିଆଯାଉ। ୟୁପିଏ ଶାସନରେ ଓଡ଼ିଶାକୁ ପାଖାପାଖି ୮ଶହ କୋଟି ମିଳୁଥିଲା। ୨୦୧୪ରେ ମୋଦି ଆସିବା ପରେ ଓଡ଼ିଶାକୁ ୪୧୨୬ କୋଟି ମିଳିଲା। ଏହି ଅନୁଦାନ ପ୍ରତି ବର୍ଷ ବଢୁଛି। ଏଥର ରେକର୍ଡ ୯୭୩୪ କୋଟି ରେଳ ଅନୁଦାନ ଦିଆଯାଇଛି। ତେଣୁ ମିଳିମିଶି ଫଣ୍ଡ ୟୁଟିଲାଇଜେସନ କରିବା ଦରକାର ବୋଲି ଅଶ୍ୱିନୀ ବୈଷ୍ଣବ କହିଛନ୍ତି। ରେଳମନ୍ତ୍ରୀ କହିଛନ୍ତି, 'ଜମି ଅଧିଗ୍ରହଣ ଓ ଫରେଷ୍ଟ କ୍ଲିଅରାନ୍ସ ଉପରେ କାମ ନିର୍ଭର କରୁଛି। ଓଡ଼ିଶାରେ ୧୨ଟି ଷ୍ଟେସନର ଅପଗ୍ରେଡେସନ ହେବ। ଟେଲିଫୋନ ଟାଓ୍ୱାର ପାଇଁ ୩୯୩୩ ସାଇଟ୍ସ ଚିହ୍ନଟ ହୋଇଛି। ଓଡ଼ିଶାରେ ୬ ହଜାର ଗାଁ ଅନକଭର ରହିଛି। ସେଠାରେ ନିଶ୍ଚିତ ଟାଓ୍ୱାର ହେବ। ଆଉ ଏହା ହେଉଛି ପ୍ରଧାନମନ୍ତ୍ରୀ ମୋଦିଙ୍କ ପୂର୍ବୋଦୟ ପରିକଳ୍ପନା।'

ରେଳମନ୍ତ୍ରୀ ଆହୁରି କହିଛନ୍ତି, ବିଏସଏନଏଲ/ ଏମଟିଏନଏଲ ରିଭାଇଭାଲ୍ ପାଇଁ ଗତ ବର୍ଷ ୯୦ ହଜାର କୋଟି ମିଳିଛି। ଚଳିତ ବର୍ଷ ବିଏସଏନଏଲ/ଏମଟିଏନଏଲ ପାଇଁ ୪୫ ହଜାର କୋଟି ମିଳିଛି। ଦେଶରେ ୪ଏ ଡିଜାଇନ ସରିଛି। ୫ଏରେ ଡିଜାଇନ୍ ଆଶାଠୁ ଅଧିକ ହୋଇଛି। ଚାଷୀଙ୍କୁ ମିଳୁଥିବା ଅର୍ଥ ବାଟମାରଣା ରୋକିବାକୁ ପଦକ୍ଷେପ ନେଇଛୁ। ଏଣିକି ଚାଷୀଙ୍କ ଖାତାକୁ ଗଝଚ ଅର୍ଥ ସିଧାସଳଖ ଯିବ ବୋଲି ଅଶ୍ୱିନୀ କହିଛନ୍ତି।

# ୨୬,୫୦୦ ଏକର ରାଜସ୍ୱ ପତିତ ଜଙ୍ଗଲ ଜମିରେ ହେବ ନୂତନ ବନୀକରଣ

- ବିଭିନ୍ନ ରେଳପଥ, ଜାତୀୟ ରାଜପଥ, ରାଜ୍ୟ ରାଜପଥ ଓ ଜଳସେଚନ ପ୍ରକଳ୍ପର ଜମି ଅଧିଗ୍ରହଣ କାର୍ଯ୍ୟ ତ୍ୱରାନ୍ୱିତ ହେବ
- ସମୟସୀମା ମଧ୍ୟରେ ସ୍କୁଲ, କଲେଜକୁ ମିଳିବ ଜମି ପଟ୍ଟା
- ଲଘୁ ଖଣିଜ ଉତ୍ସଗୁଡ଼ିକର ସ୍ଥାୟୀ ପରିଚାଳନା ସୁନିଶ୍ଚିତ କରାଯିବ

**ଭୁବନେଶ୍ୱର(ଏନ୍.ଏମ୍.):** ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ତରଫରୁ ୨୬,୫୦୦ ଏକର ରାଜସ୍ୱ ଜଙ୍ଗଲ ପତିତ ଜମି ଗତ ଏକ ମାସ ମଧ୍ୟରେ ଚିହ୍ନଟ କରାଯାଇ ଜଙ୍ଗଲ ବିଭାଗକୁ ନୂତନ ବନୀକରଣ ନିମନ୍ତେ ହସ୍ତାନ୍ତର କରାଯାଇଛି। ସରକାରଙ୍କର ଏହି ଅଭିନବ ଆଭିମୁଖ୍ୟ ଓ ପ୍ରୟାସ ଦ୍ୱାରା ଭବିଷ୍ୟତରେ ସବୁଜ ବଳୟ ସୃଷ୍ଟି ହେବା ସହ ପରିବେଶ ସନ୍ତୁଳନ ଦିଗରେ ଏହା ସହାୟକ ହୋଇପାରିବ। ଅନ୍ୟ ପକ୍ଷରେ ଏହାଦ୍ୱାରା ବିଭିନ୍ନ ସରକାରୀ ପ୍ରକଳ୍ପ ପାଇଁ ଆବଶ୍ୟକ ହେଉଥିବା ଜଙ୍ଗଲ ଜମି ଭରଣା ହେଇପାରୁଥିବାରୁ ସରକାରୀ ପ୍ରକଳ୍ପଗୁଡିକ ଅନାୟାସରେ ସମ୍ପୂର୍ଣ୍ଣ ହୋଇପାରିବ।

ସ୍କୁଲ ଓ କଲେଜଗୁଡ଼ିକୁ ତୁରନ୍ତ ଜମି ପଟ୍ଟା ପ୍ରଦାନ କରିବାକୁ ରାଜସ୍ୱ ବିଭାଗ ପକ୍ଷରୁ ପ୍ରକ୍ରିୟା ଜାରି ରହିଛି। ବ୍ଲକ୍ ଶିକ୍ଷା ଅଧିକାରୀ, ଜିଲ୍ଲା ଶିକ୍ଷା ଅଧିକାରୀ, ଯୁକ୍ତ-୨ ଓ ଡିଗ୍ରୀ କଲେଜର ଅଧ୍ୟକ୍ଷ, ତହସିଲଦାର ଓ ଜିଲ୍ଲାପାଳଙ୍କ ପ୍ରତିନିଧିଙ୍କୁ ନେଇ କମିଟି ଗଠନ କରାଯାଇ ନିୟମିତ ସମୀକ୍ଷା ବୈଠକ ଅନୁଷ୍ଠିତ ହେଉଛି। ଏହି କମିଟି ଜମିଜମା ସମସ୍ୟାକୁ ସମାଧାନ କରି ରାଜସ୍ୱ ବିଭାଗକୁ ଜଣାଇବେ। ଆସନ୍ତା ମାର୍ଚ୍ଚ ୫ତାରିଖ ମଧ୍ୟରେ ସେହିସବୁ ଅନୁଷ୍ଠାନକୁ ଜମିପଟ୍ଟା ପ୍ରଦାନ କରାଯିବ। ଏହି ସମ୍ପର୍କିତ ଏକ ସମୀକ୍ଷା ବୈଠକରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ସତ୍ୟବ୍ରତ ସାହୁ ଅତିରିକ୍ତ ଜିଲ୍ଲାପାଳମାନଙ୍କୁ ଏପରି ନିର୍ଦ୍ଦେଶ ଦେଇଛନ୍ତି। ଭିଡ଼ିଓ କନ୍‌ଫରେନ୍ସିଂ ଜରିଆରେ ଆୟୋଜିତ ଏହି ସମୀକ୍ଷା ବୈଠକରେ ଅତିରିକ୍ତ ଜିଲ୍ଲାପାଳଙ୍କ ସମେତ ରାଜସ୍ୱ ବିଭାଗର ବରିଷ୍ଠ ଅଧିକାରୀ, ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ନିର୍ଦ୍ଦେଶକ ଓ ଉଚ୍ଚଶିକ୍ଷା ବିଭାଗର ନିର୍ଦ୍ଦେଶକଙ୍କ ସମେତ ଜାତୀୟ ରାଜପଥ କର୍ତ୍ତୃପକ୍ଷ ଓ ସ୍ୱତନ୍ତ୍ର ଜମି ଗ୍ରହଣ ଅଧିକାରୀମାନେ ଯୋଗ ଦେଇଥିଲେ। ରେଲ୍‌ୱେ, ଜାତୀୟ ରାଜପଥ, ରାଜ୍ୟ ରାଜପଥ ପରି ରାଜ୍ୟରେ ବିଭିନ୍ନ ପ୍ରକାର ଉନ୍ନତିମୂଳକ ତଥା ଭିତ୍ତିଭୂମି ଉନ୍ନୟନ ପ୍ରକଳ୍ପ ନିମନ୍ତେ ଜମି ଅଧିଗ୍ରହଣ କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ପାଇଁ ଜମି ହସ୍ତାନ୍ତର କାର୍ଯ୍ୟକୁ ଅଗ୍ରାଧିକାର ଭିତ୍ତିରେ ସମାପନ କରିବାକୁ ଅତିରିକ୍ତ ଜିଲ୍ଲାପାଳମାନଙ୍କୁ ଶ୍ରୀ ସାହୁ ନିର୍ଦ୍ଦେଶ ଦେଇଥିଲେ। ଲଘୁ ଖଣିଜ ପଦାର୍ଥ ଉତ୍ସଗୁିକରୁ ନିୟମିତ ରାଜସ୍ୱ ଆଦାୟ, ବେଆଇନ ଉଠାଣ ଓ ଚୋରି ରୋକିବା ସହ ଲଘୁ ଖଣିଜ ଉତ୍ସଗୁିକର ସ୍ଥାୟୀ ପରିଚାଳନା ସୁନିଶ୍ଚିତ କରିବା ପାଇଁ ଆବଶ୍ୟକୀୟ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦିଆଯାଇଥିଲା। ଏଠାରେ ସୂଚନାଯୋଗ୍ୟ ଯେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ପକ୍ଷରୁ ନିୟମିତ ଭାବେ ସମୀକ୍ଷା ବୈଠକ କରି ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ପ୍ରକଳ୍ପଗୁିକର କାର୍ଯ୍ୟ ତ୍ୱରାନ୍ୱିତ କରିବା ଦିଗରେ ଗୁରୁତ୍ୱାରୋପ କରାଯାଇଛି।

ନିଷ୍କର୍ଷ
NISHKARSHA




# ପଞ୍ଚମଥର ଅଣ୍ଡର-୧୯ ବିଶ୍ୱକପ୍ ଜିତିଲା ଭାରତ




**ନର୍ଥ ସାଉଣ୍ଡ(ଏଜେନ୍ସି):** ଅଣ୍ଡର୧୯ ବିଶ୍ୱକପରେ ପୁଣି ଦମ୍ ଦେଖାଇଛି ଟିମ୍ ଇଣ୍ଡିଆ। କ୍ରମାଗତ ପଞ୍ଚମଥର ଯୁବ ବିଶ୍ୱକପ୍ ଜିତି ନୂଆ କୀର୍ତ୍ତିମାନ ସ୍ଥାପନ କରିଛି ଭାରତ। ୱେଷ୍ଟଇଣ୍ଡିଜରେ ଖେଳାଯାଇଥିବା ଆଇସିସି ଅଣ୍ଡର-୧୯ ବିଶ୍ୱକପର ହାଇଭୋଲଟେଜ୍ ଫାଇନାଲରେ ଭାରତ ୪ ୱିକେଟରେ ଇଂଲଣ୍ଡକୁ ହରାଇ ପରାସ୍ତ ଚାମ୍ପିୟନ୍ ହୋଇଛି। ପରାଜୟ ସହ ଇଂଲଣ୍ଡର ୨୪ ବର୍ଷ ପରେ ଟ୍ରଫି ଜିତିବାର ଆଶା ମଉଳି ଯାଇଛି। ଶନିବାର ଖେଳାଯାଇଥିବା ରୋମାଞ୍ଚକର ଫାଇନାଲ୍ ମୁକାବିଲାରେ ରାଜ ବାୱା ଓ ରବି କୁମାରଙ୍କ ଘାତକ ବୋଲିଂକୁ ସାମ୍ନା କରିନପାରି ଇଲଣ୍ଡ ୪୪.୫ ଓଭରରେ ୧୮୯ ରନ୍ କରି ଅଲଆଉଟ୍ ହୋଇଥିଲା। ଜବାବରେ ଭାରତକୁ ମଧ ଲକ୍ଷ୍ୟର ପିଛା କରିବା ସହଜ ହୋଇନଥିଲା। ନିଶାନ୍ତ ସିନ୍ଧୁଙ୍କ ଲଢୁଆ ଅର୍ଦ୍ଧଶତକ ବଳରେ ଭାରତ ୪୭.୪ ଓଭରରେ ୬ ୱିକେଟ୍ ହରାଇ ୧୯୫ ରନ୍ କରି ମୁକାବିଲାକୁ ଜିତି ନେଇଛି। ସିନ୍ଧୁ ୫୪ ବଲରେ ୫ ଚୌକା ଓ ୧ ଛକା ସହ ୫୦ ରନ୍ କରି ଅପରାଜିତ ଥିଲେ।

ଇଂଲଣ୍ଡ ଯଦିଓ ବ୍ୟାଟିଂରେ ନିରାଶ କରିଥିଲା, କିନ୍ତୁ ବୋଲିଂରେ ସେମାନେ ଭାରତକୁ ଆରମ୍ଭରୁ ଶେଷ ଯାଏ ବାନ୍ଧି ରଖିଥିଲେ। ଯେଉଁ କାରଣରୁ ଭାରତକୁ ରନ୍ ଚେଜ୍ କରିବା ସହଜ ହୋଇନଥିଲା। ଭାରତ ଏହାକୁ ମିଶାଇ ମୋଟ ୫ଥର (୨୦୦୦, ୨୦୦୮, ୨୦୧୨, ୨୦୧୮, ୨୦୨୨) ବିଶ୍ୱକପ୍ ଟ୍ରଫି ଜିତିଛି। ଇଂଲଣ୍ଡ ୧୯୯୮ରେ ଏକମାତ୍ର ଟାଇଟଲ୍ ଜିତିଥିଲା। ୧୯୦ ରନର ସହଜ ଲକ୍ଷ୍ୟକୁ ପିଛା କରିବା ପାଇଁ ଭାରତ ପାଇଁ କାଠିକର ପାଠ ହୋଇଥିଲା। ଓପନର ତଥା ଇନଫର୍ମ ଅଙ୍ଗକ୍ରିଶ ରଘୁବଂଶୀ ଖାତା ଖୋଲି ପାରିନଥିବା ବେଳେ ହରନୁର ସିଂହ ୨୧ ରନ୍ କରି ଆଉଟ୍ ହୋଇଥିଲେ। ଭାଇସ୍ କ୍ୟାପଟେନ୍ ଶେକ ରଶିଦ୍ ଆଉଏକ ଅର୍ଦ୍ଧଶତକ ମାରିଥିଲେ ହେଁ ଶେଷ ପର୍ଯ୍ୟନ୍ତ ରହିନଥିଲେ। ସେ ୫୦ ରନ୍ କରି ସେଲ୍ସଙ୍କ ଶିକାର ହୋଇଥିଲେ। କ୍ୟାପଟେନ୍ ଯଶ ଧୁଲ (୧୭) ମଧ ନିରାଶ କରିଥିଲେ। ତେବେ ନିଶାନ୍ତ ଓ ବୋଲିଂରେ କମାଲ୍ କରିଥିବା ରାଜ ବାୱା ପଞ୍ଚମ ୱିକେଟ୍ ପାଇଁ ୬୭ ରନର ମହତ୍ତ୍ୱପୂର୍ଣ୍ଣ ଭାଗିଦାରୀ କରି ଭାରତ ବିଜୟକୁ ସହଜ କରି ଦେଇଥିଲେ। ରାଜ ୩୪ ରନ୍ କରି ଆଉଟ୍ ହୋଇଥିଲେ। ତାଙ୍କ ପରେ କୌଶଲ ତାମ୍ବେ ମାତ୍ର ୧ ରନ୍ କରି ପ୍ୟାଭିଲିୟନ୍ ଫେରିଥିଲେ। ତେବେ ନିଶାନ୍ତ ଶେଷ ପର୍ଯ୍ୟନ୍ତ ବ୍ୟାଟିଂ କରିଥିଲେ ଏବଂ ଭାରତକୁ ଜିତାଇଥିଲେ। ତାଙ୍କୁ ଦିନେଶ ବାନା ମଧ ଭରପୂର ସହଯୋଗ କରିଥିଲେ। ଦିନେଶ ମାତ୍ର ୫ ବଲରେ ୨ ଛକା ସହ ୧୩ ରନ୍ କରି ଅପରାଜିତ ଥିଲେ। ଇଂଲଣ୍ଡ ପକ୍ଷରୁ ଜୋଶୁଆ ବୟଡେନ୍, ଜେମ୍ସ ସେଲ୍ସ ଓ ଥୋମାସ୍ ଅସ୍ପିନୱାଲ୍ ୨ଟି ଲେଖାଏ ୱିକେଟ୍ ହାସଲ କରିଥିଲେ। ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିବା ଇଂଲଣ୍ଡ ପ୍ରାରମ୍ଭିକ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିଲା। ଭାରତର ବାମହାତୀ ପେସର ରବି କୁମାର ଇଂଲଣ୍ଡ ଓପନର ଜାକବ ବେଥେଲ (୨)ଙ୍କୁ ଆଉଟ୍ କରି ଭାରତକୁ ପ୍ରଥମ ସଫଳତା ଦେଇଥିଲେ। ତାଙ୍କ ସ୍ଥାନରେ ଆସିଥିବା କ୍ୟାପଟେନ୍ ଟମ୍ ପ୍ରିଷ୍ଟ ଖାତା ଖୋଲିବା ପୂର୍ବରୁ ରବି କୁମାରଙ୍କ ଶିକାର ହୋଇଥିଲେ। ଅନ୍ୟତମ ଓପନର ଦ୍ରୁତ କରିଥିଲେ ହେଁ ବଡ଼ ସ୍କୋର କରିବାରେ ବିଫଳ ହୋଇଥିଲେ। ସେ ୨୭ ରନ୍ କରି ରାଜ ବାୱାଙ୍କ ଦ୍ୱାରା ଆଉଟ ହୋଇଥିଲେ। ଏହା ରାଜ ୧୩ଶ ଓଭରର ପଞ୍ଚମ ବଲରେ ୱିଲିୟମ ଲକ୍ସଟନ୍ (୪) ଓ ଷଷ୍ଠ ବଲରେ ଜର୍ଜ ବେଲ (୦)ଙ୍କୁ ଆଉଟ୍ କରି ଇଂଲଣ୍ଡର ଅଧା ବ୍ୟାଟ୍ସମ୍ୟାନଙ୍କୁ ପ୍ୟାଭିଲିୟନ ପଠାଇଥିଲେ। ରେହାନ ଅହମ୍ମଦ (୧୦) ଓ ଆଲେକ୍ସ ହର୍ଟନ (୧୦)ଙ୍କୁ କୌଶଲ ତାମ୍ବେ ଆଉଟ କରିବାରେ ସଫଳ ହୋଇଥିଲେ। ୯୧ ରନରେ ୭ ୱିକେଟ୍ ହରାଇ ଇଂଲଣ୍ଡ ସଂକଟରେ ପଡ଼ିଥିଲା ବେଳେ ଜେମ୍ସ ରିଉ ଓ ଜେମ୍ସ ସେଲ୍ସ ଦମଦାର ବ୍ୟାଟିଂ କରିଥିଲେ। ବିଶେଷ କରି ରିଉ ସକାରାତ୍ମକ ବ୍ୟାଟିଂ କରି ଇଂଲଣ୍ଡର ରନ୍ ଗତି ଜାରି ରଖିଥିବା ବେଳେ ତାଙ୍କୁ ସେଲ୍ସ ଭରପୂର ସହଯୋଗ କରିଥିଲେ। ଦୁହେଁ ଅଷ୍ଟମ ୱିକେଟ୍ ପାଇଁ ୯୩ ରନର ବଡ଼ ଭାଗିଦାରୀ କରି ଇଂଲଣ୍ଡକୁ ଭଲ ସ୍ଥିତିରେ ପହଞ୍ଚାଇଥିଲେ। ଶତକ ଆଡ଼କୁ ଅଗ୍ରସର ହେଉଥିବା ରିଉଙ୍କୁ ଆଉଟ୍ କରି ରବି କୁମାର ଭାରତକୁ ବ୍ରେକଥ୍ରୁ ଦେଇଥିଲେ। ରିଉ ୧୧୬ ବଲରେ ୧୨ ଚୌକା ସହ ୯୫ ରନ୍ କରି ଶତକରୁ ବଞ୍ଚିତ ହୋଇଥିଲେ। ଏହା ପରେ ଇଂଲଣ୍ଡ ଇନିଂସକୁ ଶେଷ କରିବା ଭାରତ ପାଇଁ ସହଜ ହୋଇଥିଲେ। ରବି କୁମାର ଇଂଲଣ୍ଡ ନବମ ଏବଂ ରାଜ ବାୱା ଦଶମ ୱିକେଟ୍ ନେଇଥିଲେ। ସେଲ୍ସ ୩୪ ରନ୍ କରି ଅପରାଜିତ ଥିଲେ। ଭାରତ ପକ୍ଷରୁ ରାଜ ୩୧ ରନ୍ ଦେଇ ୫ଟି ଓ ରବି କୁମାର ୩୪ ରନ୍ ଦେଇ ୪ଟି ୱିକେଟ୍ ନେଇଥିଲେ।

# ମୁଖ୍ୟ କୋଚ୍ ପଦରୁ ଇସ୍ତଫା ଦେଇ ସ୍ତବ୍ଧ କରି ଦେଲେ ଲାଙ୍ଗର



**ମେଲବର୍ଣ୍ଣ (ଏଜେନ୍ସି):** ଅଷ୍ଟ୍ରେଲିଆ ପୁରୁଷ କ୍ରିକେଟ ଟିମକୁ ସଫଳତାର ଶୀର୍ଷରେ ପହଞ୍ଚାଇଥିବା ମୁଖ୍ୟ କୋଚ୍ ଜଷ୍ଟିନ ଲାଙ୍ଗର ସମସ୍ତଙ୍କୁ ଚକିତ କରିଦେଇଛନ୍ତି। ସେ ଶନିବାର ହଠାତ୍ ଟିମର ମୁଖ୍ୟ କୋଚ୍ ପଦରୁ ଇସ୍ତଫା ଦେବା ସମ୍ପର୍କରେ ସୂଚନା ମିଳିବା ପରେ ହଇଚଇ ସୃଷ୍ଟି ହୋଇଛି। ତାଙ୍କ କୋଚିଂରେ ଅଷ୍ଟ୍ରେଲିଆ ନିକଟରେ ଇଂଲଣ୍ଡକୁ ଆଶେସ ସିରିଜରେ ୪-୦ରେ ପରାସ୍ତ କରିଥିଲା। ଏହାପୂର୍ବରୁ ଦଳ ଟି-୨୦ ବିଶ୍ୱକପ ଜିତିବାର ଗୌରବ ପାଇଥିଲା। ତେବେ ହଠାତ୍ ୫୧ ବର୍ଷୀୟ ଲାଙ୍ଗର କାହିଁକି ମୁଖ୍ୟ କୋଚ୍ ପଦ ଛାଡ଼ିଲେ, ତା'କୁ ନେଇ ଚର୍ଚ୍ଚା ଆରମ୍ଭ ହୋଇଛି।

କୁହାଯାଉଛି କିଛି ଖେଳାଳି ଓ କ୍ରିକେଟ ଅଷ୍ଟ୍ରେଲିଆର ଗଭର୍ଣ୍ଣିଂ ବଡି ସହ ଲାଙ୍ଗରଙ୍କ ତିକ୍ତତା ସୃଷ୍ଟି ହୋଇଥିଲା। ଏଥିପାଇଁ ଶୁକ୍ରବାର ଲାଙ୍ଗରଙ୍କ ଭବିଷ୍ୟତକୁ ନେଇ ବୋର୍ଡ ବୈଠକ କରିଥିଲା। ବୈଠକରେ ଲାଙ୍ଗର ଓ ବୋର୍ଡ ମଧ୍ୟରେ ନୂଆ ଡିଲ୍ ଚୂଡ଼ାନ୍ତ ହୋଇପାରି ନଥିଲା। ଏହି କାରଣରୁ ସେ ଶନିବାର ମୁଖ୍ୟ କୋଚ ପଦରୁ ଇସ୍ତଫା ଦେଇଥିବା କୁହାଯାଉଛି। ସେହିପରି ଅନେକ ସଫଳତା ସତ୍ତ୍ୱେ ଲାଙ୍ଗର ସହ କ୍ରିକେଟ ଅଷ୍ଟ୍ରେଲିଆ ସ୍ୱଳ୍ପ ସମୟର ଚୁକ୍ତି କରିବାକୁ ପ୍ରସ୍ତାବ ରଖିଥିଲା। ଯାହା ତାଙ୍କୁ ଆଘାତ ଦେଇଥିବା ମଧ ଜଣାପଡ଼ିଛି। ସ୍ପୋର୍ଟସ ମ୍ୟାନେଜମେଣ୍ଟ କମ୍ପାନୀ ଡିଏସଇଜି କହିଛି ଯେ "ଆମର କ୍ଲାଇଣ୍ଟ ଜଷ୍ଟିସ ଲାଙ୍ଗର ଆଜି ସକାଳେ ଅଷ୍ଟ୍ରେଲିଆ ପୁରୁଷ କ୍ରିକେଟ ଟିମର ମୁଖ୍ୟ କୋଚ୍ ପଦରୁ ଇସ୍ତଫା ଦେଇଛନ୍ତି।" କ୍ରିକେଟ ଅଷ୍ଟ୍ରେଲିଆ ମଧ ଲାଙ୍ଗର ଇସ୍ତଫା ଦେଇଥିବା କଥା ସ୍ୱୀକାର କରିଛି। ହେଲେ କୌଣସି ବିଧିବଦ୍ଧ ବିବୃତି ଏଯାଏ ଜାରି କରିନି। ୨୦୧୮ରେ ଲାଙ୍ଗର କ୍ରିକେଟ ଅଷ୍ଟ୍ରେଲିଆର ମୁଖ୍ୟ କୋଚ୍ ହୋଇଥିଲେ। ଏହି ସମୟରେ ଦଳର ଏକାଧିକ ଖେଳାଳି ଚିଟିଂ ଜନିତ ସମସ୍ୟାରେ ଫସିଥିଲେ। ଦଳର ପ୍ରଦର୍ଶନ ମଧ ଦିନକୁ ଦିନ ନିମ୍ନଗାମୀ ହେଉଥିଲା। ଏହା ସତ୍ତ୍ୱେ ସେ ଦଳକୁ ସମ୍ଭାଳି ଆଗକୁ ନେଇଥିଲେ। ତାଙ୍କ ଅଧୀନରେ ଅଷ୍ଟ୍ରେଲିଆ ଟେଷ୍ଟ ଟିମ୍ ରାଙ୍କିଙ୍ଗରେ ୧ନମ୍ବର ସ୍ଥାନରେ ପହଞ୍ଚିଛି। ସେହିପରି ଟି-୨୦ ବିଶ୍ୱକପ ଓ ଆଶେସ ସିରିଜ ମଧ ଜିତିଥିଲା। ଲାଙ୍ଗର କୋଚ ହେବା ପୂର୍ବରୁ ଅଷ୍ଟ୍ରେଲିଆ ପାଇଁ ୧୯୯୩ରୁ ୨୦୦୭ ଯାଏ ଖେଳିଥିଲେ। ଏହି ସମୟରେ ସେ ୧୦୫ ଟେଷ୍ଟରେ ୨୩ ଶତକ ସହ ୭,୬୯୬ ରନ୍ ହାସଲ କରିଛନ୍ତି।

# ଆଇପିଏଲ ଅକ୍ସନେର ଓଡ଼ିଶାର ୨ ଖେଳାଳିଙ୍କ ନାମ



**କଟକ(ଏନ୍.ଏମ୍.):** ଇଣ୍ଡିଆନ ପ୍ରିମିୟର ଲିଗ(ଆଇପିଏଲ) ଅକ୍ସନେର ଓଡ଼ିଶା କ୍ରିକେଟ ଅସୋସିଏସନ(ଓସିଏ)ର ୫ ଜଣ ଖେଳାଳିଙ୍କ ନାମ ପଠାଯାଇଥିଲା। ସେଥିମଧ୍ୟରୁ ୨ଜଣଙ୍କ ନାମ ସଟଲିଷ୍ଟେର ରହିଛି। ଉଭୟ ଖେଳାଳି ହେଲେ ଅଭିଷେକ ରାଉତ ଓ ଶୁଭାଂଶୁ ସେନାପତି। ଆଇପିଏଲେର ୫୯୦ କ୍ରିକେଟରଙ୍କୁ ନେଇ ୨ ଦିନିଆ ମେଗା ଅକ୍ସନ ପ୍ଲାନ କରାଯାଇଛି। ଆସନ୍ତା ୧୨ ଓ ୧୩ ଏହି ଦୁଇ ଦିନ ଧରି ବେଙ୍ଗାଲୁରୁରେ ଅକ୍ସନ ଡକାଯିବ। ସଟ ଲିଷ୍ଟ ଓଡ଼ିଶାର ୨ ଜଣ ଖେଳାଳି ସ୍ଥାନ ପାଇଥିବାରୁ ଓସିଏର ସଭାପତି ପଙ୍କଜ ଲୋଚନ ମହାନ୍ତି, ସମ୍ପାଦକ ସଞ୍ଜୟ ବେହେରା ଶୁଭେଚ୍ଛା ଜଣାଇଛନ୍ତି।

ନିୟମିତ ନିଷ୍କର୍ଷ ମିଡିଆର ୟୁଟ୍ୟୁବ୍ ଚ୍ୟାନେଲ୍ ଦେଖନ୍ତୁ
ନିଷ୍କର୍ଷ
NISHKARSHA
ଯଦି ସବସ୍କ୍ରାଇବ୍ କରିନାହାନ୍ତି ଆଜି ହିଁ ମୋବାଇଲରେ ସବସ୍କ୍ରାଇବ୍ କରନ୍ତୁ
Nishkarsha Media
ଲାଇକ୍, କମେଣ୍ଟ୍ ଓ ସେୟାର କରନ୍ତୁ
ପ୍ରତିଦିନ ସର୍ଚ୍ଚ କରନ୍ତୁ ଆଉ ତୁରନ୍ତ ଅପଡେଟ ଖବର ପାଆନ୍ତୁ ...
ନିଜ ମୋବାଇଲ, ଟାବଲେଟ୍, ଲାପଟପ କିମ୍ବା ଡେସ୍କଟପରେ ଘରେ ବସି ଜାଣନ୍ତୁ ଦେଶ ବିଦେଶର ଖବର....
nishkarsha.com

# ବିସିସିଆଇର ସମ୍ମାନ ରକ୍ଷା କରିଥିଲେ ଲତା, ଶୋ' କରି ଦେଇଥିଲେ ଟଙ୍କା

**ମୁମ୍ବାଇ(ଏଜେନ୍ସି):** କୋକିଳ କଣ୍ଠି ତଥା ସଙ୍ଗୀତର ମହାନ୍ କିମ୍ବଦନ୍ତୀ ଲତା ମଙ୍ଗେସକର। ସେ ଆଉ ନାହାନ୍ତି, କିନ୍ତୁ ରହିଯାଇଛି ତାଙ୍କ ଗୀତ। ତାଙ୍କ ମୃତ୍ୟୁରେ ସାରା ଦେଶ ଲୁହ ଝରାଉଛି। ତାଙ୍କର ଅବଦାନକୁ କେହି ଭୁଲି ପାରିବେ ନାହିଁ। ଲତା ଦିଦି ଯେଉଁ ବୟସରେ ଗୀତ ଗାଇଥିଲେ ସମସ୍ତ ଆଶ୍ଚର୍ଯ୍ୟ ହୋଇଯାଇଥିଲେ। ତାଙ୍କ ଗୀତର ଯାଦୁରେ ସଙ୍ଗୀତ ନିର୍ଦ୍ଦେଶକ ଠାରୁ ଆରମ୍ଭ କରି ବଡ ବଡ ବିଶିଷ୍ଟ କଳାକାରମାନେ ବିମୋହିତ ହେଉଥିଲେ। ଲତା ଆଜି ନାହାନ୍ତି ସତ ହେଲେ ରହିଯାଇଛି ତାଙ୍କର ଅନେକ ଅବଦାନ ଆଉ ଅଭୁଲା ସ୍ମୃତି। କ୍ରିକେଟ ପ୍ରତି ଲତା ଦିଦିଙ୍କ ଥିଲା ଅହେତୁକ ଦୁର୍ବଳତା। ତାଙ୍କ ଅବଦାନ ମଧ କ୍ରିକେଟ୍ ପ୍ରତି ଥିଲା ବେଶ ଅତୁଳନୀୟ। ଭାରତୀୟ କ୍ରିକେଟର ବଡ଼ ପ୍ରଶଂସକ ଥିଲେ ଲତା। ଏପରିକି ସେ ବିସିସିଆଇ ସମ୍ମାନ ମଧ ବଞ୍ଚାଇଥିଲେ। କପିଲ ଦେବଙ୍କ କ୍ୟାପଟେନସିପରେ ୧୯୮୩ରେ ଯେତେବେଳେ ଭାରତ ବିଶ୍ୱକପ୍ ବିଜୟୀ ହୋଇ ସ୍ୱଦେଶ ଫେରିଥିଲା ସେତେବେଳେ ଖେଳାଳୀଙ୍କୁ ଦେବା ପାଇଁ ବସିସିଆଇ ପାଖରେ ଟଙ୍କା ନଥିଲା। ଏଭଳି ସ୍ଥିତିରେ ଲତା ମଙ୍ଗେସକର ହିଁ ବିସିସିଆଇକୁ ସହାୟତାର ହାତ ବଢ଼ାଇଥିଲେ। ବିସିସିଆଇର ଦୁର୍ଦ୍ଦିନରେ ଛିଡ଼ା ହୋଇଥିଲେ ଲତା। ୧୯୮୩ ବିଶ୍ୱକପ୍ ବିଜୟୀ ଦଳ ପାଇଁ ଏକ ସ୍ୱତନ୍ତ୍ର ଶୋ କରିଥିଲେ ସୁର ସାମ୍ରାଜ୍ଞୀ। ଏଥିରେ ଭାରତୀୟ କ୍ରିକେଟ ଟିମ୍‌ଙ୍କୁ ସମର୍ପିତ କରି ଲତା ଗାଇଥିଲେ ଭାରତ ବିଶ୍ୱବିଜେତାର ଗୀତ। ଏହି କନ୍ସର୍ଟରେ ଲତାଙ୍କ ବ୍ୟତୀତ ସୁରେଶ ୱାଡେକର ଏବଂ ଅନ୍ୟ ସିଙ୍ଗରମାନେ ମଧ ଭାଗ ନେଇଥିଲେ। ଶୋ' ସରିବା ପରେ ଏଥିରୁ ୨୦ ଲକ୍ଷ ଟଙ୍କା ମିଳିଥିଲା। ଲତାଙ୍କ ଶୋରୁ ଅର୍ଥ ମିଳିବାରୁ ବିସିସିଆଇର ସମ୍ମାନ ବଞ୍ଚିଥିଲା। ଏହି ଟଙ୍କାରୁ ଚାମ୍ପିଅନ୍ ଦଳର ସଦସ୍ୟଙ୍କୁ ଲକ୍ଷେ ଲେଖାଏଁ ପୁରସ୍କାର ଦିଆଯାଇଥିଲା। ତେବେ ଲତା ମଙ୍ଗେସକର ଏହି ଶୋ' କରିବା ପାଇଁ ଟଙ୍କା ଟିଏ ବି ଫି' ନେଇ ନଥିଲେ। ୱାର୍ଲ୍ଡ କପ୍ ଖେଳିଥିବା ଭାରତର ପୂର୍ବତନ କ୍ରିକେଟର କ୍ରିର୍ତ୍ତି ଆଜାଦଙ୍କୁ ମନେ ପକାଇ ଏହି ସ୍ମୃତି ପୁଣି ଥରେ ତାଜା କରିଛନ୍ତି। ତାଙ୍କ କହିବା ମୁତାବକ, 'ସେତେବେଳେ ବିସିସିଆଇ ଉପରେ ୨ରୁ ୩କୋଟି ଟଙ୍କାର ଋଣ ବୋଝ ଥିଲା। ଏଭଳି ସ୍ଥିତିରେ ବିଶ୍ୱ ବିଜୟୀ ଖେଳାଳିଙ୍କୁ ପୁରସ୍କାର ଦେବା ପାଇଁ ବିସିସିଆଇ ପାଖରେ ଟଙ୍କା ନଥିଲା। ପରେ ଏନେଇ ବିସିସିଆଇର ତତ୍କାଳୀନ ଅଧକ୍ଷ ରାଜ ସିଂହ ଡୁଙ୍ଗରପୁର ଲତା ମଙ୍ଗେସକରଙ୍କ ସହ କଥା ହୋଇଥିଲେ। ପରେ ଲତାଜୀ ଶୋ' କରିବା ପାଇଁ ରାଜି ହୋଇ ଯାଇଥିଲେ। ସେପ୍ଟେମ୍ବରରେ ଲତା ମଙ୍ଗେସକର ଶୋ' କରିବେ ବୋଲି ନିଷ୍ପତ୍ତି ନିଆଯାଇଥିଲା। ପରେ ଲତାଜୀ ଆସି ତାଜ ପ୍ୟାଲେସ ହୋଟେଲରେ ରହିଥିଲେ। ଭାରତୀୟ କ୍ରିକେଟ ଟିମ୍ ମଧ ସେଠାରେ ରହିଥିଲେ। ଏହି କନ୍ସର୍ଟରେ ଲକ୍ଷ୍ମୀ କାନ୍ତ ପ୍ୟାରେଲାଲ, ନୀତିନ ମୁକେଶ, କବିତା କୃଷ୍ଣମୂର୍ତ୍ତିଙ୍କ ପରି ଭେଟେରାନ ଗାୟକମାନେ ମଧ ସାମିଲ ହୋଇଥିଲେ। କନ୍ସର୍ଟ ପୂର୍ବରୁ, ଅଭ୍ୟାସ ସମୟରେ ଲତାଜୀ ଆମ ସମସ୍ତଙ୍କୁ ଭେଟିଥିଲେ। ଆମ ସମସ୍ତଙ୍କୁ ନିଜ ନିଜ ପ୍ରିୟ ଗୀତ ବିଷୟରେ ପଚାରିଥିଲେ ଏବଂ କହିଥିଲେ ଯେ ସେ ଏହାକୁ ମଞ୍ଚରେ ଗାଇବେ।'

Printed, Published and owned by Sri Tapan Kumar Sahoo At-Badachanachoo, Po-Nakhara, Via-Choudwar, Dist-Cuttack-754025 (Odisha), Printed at Sakuntala Printers, At/Po-Bidanasi, Dist-Cuttack-753014 (Odisha) and Published at At-Badachanachoo, Po-Nakhara, Via-Choudwar, Dist-Cuttack-754025 (Odisha)

Editor : SRI TAPAN KUMAR SAHOO Phone No - 08895134289, Email : nishkarsha.media@gmail.com
ସମ୍ପାଦକ : ଶ୍ରୀ ତପନ କୁମାର ସାହୁ